ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.209 Bhubaneswar Wednesday September 28 2022 | ୨୫ତମ ବର୍ଷ ସଂଖ୍ୟା-୨୦୯ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଖୋଲୁଛି ଗୁମର, ଧର୍ମେନ୍ଦ୍ରଙ୍କ ଅଡିଓରେ ମନ୍ତ୍ରୀ ସମୀରଙ୍କ ନାଁ !




ଭୁବନେଶ୍ୱର,୨୭।୯(ପି.ଏନ): ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣାରେ ସାମ୍ନାକୁ ଆସିଲା ଏକ ମୋବାଇଲ ଅଡିଓ। ଅଡିଓ ସଂପର୍କରେ ପ୍ରେସମିଟ୍‌ରେ ସୂଚନା ଦେଲେ ବିଜେପି ନେତ୍ରୀ ପ୍ରଭାତି ପରିଡ଼ା। ଭୁବନେଶ୍ୱର ବିଜେପି ଅଫିସ୍‌ରେ ସେ ପ୍ରେସ୍‌ମିଟ କରି କହିଛନ୍ତି, ଧର୍ମେନ୍ଦ୍ର ଆତ୍ମହତ୍ୟା ପୂର୍ବରୁ ତାଙ୍କର ଜଣେ ବନ୍ଧୁ ଅକ୍ଷୟ ନାୟକ ନାମକ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ। ମୋବାଇଲ୍‌ରେ କଥା ବେଳେ ଧର୍ମେନ୍ଦ୍ର ଆତ୍ମହତ୍ୟା କରିବେ ବୋଲି କହିଥିଲେ। ଏଥିଲାଗି ମନ୍ତ୍ରୀ ସମୀର ଦାଶଙ୍କୁ ଦାୟୀ କରିଥିବା ମୋବାଇଲ୍‌ରେ କହିଛନ୍ତି। ସମୀରଙ୍କ ସହ ଧର୍ମେନ୍ଦ୍ର ତାଙ୍କ ସ୍ତ୍ରୀ ଓ ଶ୍ୱଶୁରଙ୍କୁ ମଧ୍ୟ ଦାୟୀ କରିଛନ୍ତି। ଏହାର ଅଡିଓ ରେକର୍ଡ ରହିଛି। ତେଣୁ ମନ୍ତ୍ରୀ ସମୀର ଦାଶ ଇସ୍ତଫା ଦେଇ ତଦନ୍ତ ସାମ୍ନା କରନ୍ତୁ ବୋଲି ପ୍ରଭାତି ଦାବି କରିଛନ୍ତି।ସେହିପରି ଗଣମାଧ୍ୟକୁ ଅକ୍ଷୟ ସୂଚନା ଦେଇ କହିଛନ୍ତି, ଧର୍ମେନ୍ଦ୍ର ଆତ୍ମହତ୍ୟା କରିବା ରାତିରେ ହିଁ ତାଙ୍କୁ ଫୋନ୍ କରିଥିଲେ। ସେତେବେଳକୁ ରାତି ପ୍ରାୟ ସାଢ଼େ ୧୧ଟା ହୋଇଥିଲା। ସେ ମାନସୀକ ଅଶାନ୍ତିରେ ଥିବା ପ୍ରକାଶ କରିଥିଲେ। ଆତ୍ମହତ୍ୟା ନିଷ୍ପତ୍ତିର କାରଣର ମୂଳ ମନ୍ତ୍ରୀ ସମୀର ଦାଶଙ୍କ ସମେତ ୭ ଜଣଙ୍କ ନାମ ନେଇଥିଲେ। ସେମାନଙ୍କ ପାଇଁ ସେ ଆତ୍ମହତ୍ୟା କରୁଥିବା କହିଥିଲେ। ଟଙ୍କା କାରବାରକୁ ନେଇ ଚାପ ସାଙ୍ଗକୁ ରାଜନୈତିକ ଚାପ, ପରିବାରିକ ଅଶାନ୍ତି ଓ ପରିବାରକୁ ନଷ୍ଟ କରିବାକୁ ଷଡଯନ୍ତ୍ର ରହିଥିବା ଧର୍ମେନ୍ଦ୍ର ଉଲ୍ଲେଖ କରିଥିଲେ। ମନ୍ତ୍ରୀ ସମୀର ଦାଶ ବିଭିନ୍ନ ସମୟରେ ତାଙ୍କୁ ହଇରାଣ ଓ ଅପବାଦ ଦେଉଥିବା କହିଥିଲେ। ପ୍ରାୟ ୧ ଘଣ୍ଟା ଫୋନ୍ କଥାବାର୍ତ୍ତା ବେଳେ ସମୀରଙ୍କ ସହ ଠିକାଦାର ମୁନା ମହାପାତ୍ର, ସମ୍ପର୍କିୟ ଭାଣେଜୀ ଟିନୁ, ଗୋପ ବ୍ଲକ ପୂର୍ବତନ ଜଣେ ଅଧ୍ୟକ୍ଷଙ୍କ ନାତୁଣୀଙ୍କ ନାମ ଆତ୍ମହତ୍ୟା ନିଷ୍ପତ୍ତିର କାରଣ ବୋଲି କହିଥିଲେ।ଧର୍ମେନ୍ଦ୍ରଙ୍କ ଡାକ ନାଁ ଟୁକୁନା ବାବୁ। ହେଲେ ପୁଲିସ ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ ମାମଲାର ଠିକ୍ ଭାବେ ତଦନ୍ତ କରିଲା ନାହିଁ। ତେଣେ ସାମ୍ନାକୁ ଆସିବାକୁ ପଡିଲା ବୋଲି ଅକ୍ଷୟ କହିଛନ୍ତି। ପୁଲିସ ଉପରେ ବିଶ୍ୱାସ ନ ଥିବା ବେଳେ ବିଜେପି ତାଙ୍କୁ ସୁରକ୍ଷା ଦେବ ବୋଲି ପ୍ରତିଶ୍ରୁତି ଦେବାରୁ ସେ ସାମ୍ନାକୁ ଆସିଛନ୍ତି। ପୁଲିସ ଆବଶ୍ୟକ କଲେ ତଦନ୍ତରେ ସେ ସହଯୋଗ କରିବେ ଓ ଅଡିଓ ଟେପ୍ ଦେବେ ବୋଲି ଅକ୍ଷୟ କହିଛନ୍ତି।ଏହି ଅଡିଓ ସାମ୍ନାକୁ ଆସିବା ପରେ ସମୀରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ସହ ପୁଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଉ ବୋଲି ବିଜେପି ପୁରୀ ଜିଲ୍ଲା ସଭାପତି ଅଶ୍ରିତ ପଟ୍ଟନାୟକ ଦାବି କରିଛନ୍ତି।

## ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ଟୋକିଓ , ୨୭।୯(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାପାନ ପ୍ରଧାନମନ୍ତ୍ରୀ ମିଃ ଫୁମିଓ କିଶିଦାଙ୍କ ସହିତ ଏକ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିଛନ୍ତି। ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗଭୀର ସମବେଦନା ଜଣାଇଥିଲେ। ଭାରତ-ଜାପାନ ସହଭାଗିତାକୁ ସୁଦୃଢ଼ କରିବା ସହିତ ଏକ ମୁକ୍ତ, ଖୋଲା ଏବଂ ସମାବେଶୀ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ପରିକଳ୍ପନାକୁ ପୂର୍ଣ୍ଣ ରୂପ ଦେବା ଦିଗରେ ପରଲୋକଗତ ପ୍ରଧାନମନ୍ତ୍ରୀ ଆବେଙ୍କ ଅମୂଲ୍ୟ ଯୋଗଦାନକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସ୍ମରଣ କରିଥିଲେ ।ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ଦୁଇ ନେତାଙ୍କ ମଧ୍ୟରେ ଗଠନମୂଳକ ଆଲୋଚନା ହୋଇଥିଲା। ସେମାନେ ମଧ୍ୟ ବିଭିନ୍ନ ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିଥିଲେ । ଭାରତ-ଜାପାନ ସ୍ୱତନ୍ତ୍ର ରଣନୈତିକ ସମ୍ପର୍କ ଏବଂ ବିଶ୍ୱସ୍ତରୀୟ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଲାଗି ଦୁଇ ନେତା ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। କ୍ଷେତ୍ରୀୟ ସ୍ତରରେ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ଗୋଷ୍ଠୀ ଓ ପ୍ରତିଷ୍ଠାନରେ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଉଭୟ ସହମତ ହୋଇଥିଲେ।

## ଚାନ୍ଦିପୁରରୁ ଭିଏସଏଚଓଆରଏଡିଏସ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର ,୨୭।୯(ପି.ଏନ): ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ଅତି ସ୍ୱଳ୍ପ ଦୂରତା ବିଶିଷ୍ଟ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ରର ଦୁଇଟି ପରୀକ୍ଷଣ ସଫଳ ହୋଇଛି । ୨୭ ସେପ୍ଟେମ୍ବର ମଙ୍ଗଳବାର ଦିନ ଓଡ଼ିଶା ଉପକୂଳ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି ଠାରେ ଭୂପୃଷ୍ଠରେ ରଖାଯାଇଥିବା ଏକ ପୋର୍ଟେବଲ ଲଂଚର ବା ଉତକ୍ଷେପଣ ଯାନରୁ ଏହି କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ଭିଏସଏଚଓଆରଏଡିଏସ ହେଉଛି ଏକ ପୋର୍ଟେବଲ ବା ମାନବ ବାହିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ମ୍ୟାନପ୍ୟାଡ) ଯାହାକୁ ହାଇଦ୍ରାବାଦସ୍ଥିତ ଡିଆରଡିଓର ଗବେଷଣା କେନ୍ଦ୍ର ଇମାରତ (ଆରସିଆଇ) ଦ୍ୱାରା ଡିଜାଇନ କରାଯାଇଛି । ଡିଆରଡିଓ ପ୍ରୟୋଗଶାଳା ଏବଂ ଭାରତୀୟ ଉଦ୍ୟୋଗ ଜଗତର ସହଭାଗିତାରେ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ରକୁ ନିର୍ମାଣ କରାଯାଇଛି ।ଭିଏସଏଚଓଆରଏଡିଏସରେ ରହିଛି କ୍ଷୁଦ୍ର ଆକୃତିର ପ୍ରତିକ୍ରିୟା ନିୟନ୍ତ୍ରଣ ପ୍ରଣାଳୀ (ଆରସିଏସ) ଏବଂ ସମନ୍ୱିତ ଏଭିଓନିକ୍ସ ଭଳି ବହୁ ନୂଆ ଜ୍ଞାନକୌଶଳ। ଏସବୁ ଅତ୍ୟାଧୁନିକ ବ୍ୟବସ୍ଥା ଆଜିର ପରୀକ୍ଷଣ ସମୟରେ ସଫଳତା ପୂର୍ବକ ପ୍ରମାଣିତ ହୋଇଥିଲା। ଏହି କ୍ଷେପଣାସ୍ତ୍ରରେ ଥିବା ଦୁଇଟିକିଆ ସଲିଡ୍ ମୋଟର କ୍ଷମତା ଯାହାକି ଆକାଶମାର୍ଗରୁ ଆସୁଥିବା କମ ଉଚ୍ଚତା ବିଶିଷ୍ଟ ବିପଦକୁ ଅଳ୍ପ ଦୂରତାରେ ଧ୍ୱଂସ କରିବାରେ ସକ୍ଷମ ହୋଇପାରିବ। ସହଜରେ ପରିବହନ କରିବା ଲାଗି ଏହି କ୍ଷେପଣାସ୍ତ୍ର ଓ ଏହାର ଲଂଚରକୁ ଅଧିକ ଅନୁକୂଳ କରାଯାଇଛି। ଆଜି ସମ୍ପାଦନ କରାଯାଇଥିବା ଦୁଇଟି ଯାକ ଆକାଶମାର୍ଗ ପରୀକ୍ଷଣ ବା ଫ୍ଲାଇଟ୍ ଟେଷ୍ଟ ମିଶନର ସବୁ ଲକ୍ଷ୍ୟ ସମ୍ପୂର୍ଣ୍ଣ ଭାବେ ହାସଲ କରିଥିଲା ।ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଏହି ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ଏହାର ଉଦ୍ୟୋଗ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ ଏହି ନୂଆ କ୍ଷେପଣାସ୍ତ୍ରରେ ଆଧୁନିକ ପ୍ରଯୁକ୍ତି ରହିଛି ଯାହାକି ସେନାବାହିନୀର ପ୍ରଯୁକ୍ତିଗତ ସାମର୍ଥ୍ୟକୁ ଆହୁରି ବଢ଼ାଇ ଦେବ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମ୍ପୂର୍ଣ୍ଣ ଭିଏସଏଚଓଆରଏଡିଏସ ଟିମ୍ କୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଅଭିନନ୍ଦନ ଜଣାଇଛନ୍ତି।

## ଦିଲ୍ଲୀ ଓଡ଼ିଶା ମିଡିଆ ଆସୋସିଏସନ୍ ର ନୂତନ କର୍ମକର୍ତ୍ତା ନିର୍ବାଚିତ




ନୂଆଦିଲ୍ଲୀ,୨୭।୯(ପି.ଏନ): ଆଜି ଦିଲ୍ଲୀ ଓଡ଼ିଶା ମିଡିଆ ଆସୋସିଏସନ୍ ର ନୂତନ କର୍ମକର୍ତ୍ତା କମିଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀର ପ୍ରେସ କ୍ଲବ ଅଫ ଇଣ୍ଡିଆ ଠାରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନବନିର୍ବାଚିତ କମିଟି ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟ କରିବ। ବରିଷ୍ଠ ସାମ୍ବାଦିକ ସଞ୍ଜୀବ ଆଚାର୍ଯ୍ୟ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ, ବରିଷ୍ଠ ସାମ୍ବାଦିକ ସୌମିତ୍ର ମିଶ୍ର ଓ ପ୍ରଭାତୀ ନାୟକ ମିଶ୍ର ଉପସଭାପତି, ଶକ୍ତି ପ୍ରସାଦ ନାୟକ ସାଧାରଣ ସମ୍ପାଦକ, ସନ୍ତୋଷ କୁମାର ମହାପାତ୍ର ଓ ଶବନମ ଆଦେନି ଯୁଗ୍ମ ସମ୍ପାଦକଏବଂ କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ପ୍ରଧାନ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ୧୫ ଜଣିଆ କାର୍ଯ୍ୟକାରିଣୀ କମିଟିରେ ଗଗନ ବିଶ୍ୱାଳ, ବିଭୁଦତ୍ତ ପ୍ରଧାନ, ମୁକ୍ତିକାନ୍ତ ବେହେରା, ସୁଚିତ୍ର କଲ୍ୟାଣ ମହାନ୍ତି, ଅରୁଣ ଦାସ, ପ୍ରତୀକ ପରିଜା, ଦୀପକ ଦାସ, ଶିବାନନ୍ଦ ରାଉତ, ଶାଶ୍ୱତ ପାଣିଗ୍ରାହୀ, ରମେଶ ପାଲ, ବିଦ୍ୟାଧର ବାରିକ, ସଦାଶିବ ଶତପଥୀ, ଆଦିତ୍ୟ ପ୍ରସାଦ ପଣ୍ଡା ଏବଂ ଗୋପାଳ ପ୍ରସାଦ ବର୍ମା ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି ।ଦିଲ୍ଲୀ ଓଡ଼ିଶା ମିଡିଆ ଆସୋସିଏସନର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଛାୟାକାନ୍ତ ନାୟକ ଏବଂ ବରିଷ୍ଠ ସାମ୍ବାଦିକ ମୋହନ ରାଓ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।

## କଂଗ୍ରେସ ବିବାଦ: ଗେହଲଟଙ୍କୁ କ୍ଲିନଚିଟ୍, ଫସିଲେ ୩ ବିଧାୟକ



ନୂଆଦିଲ୍ଲୀ,୨୭।୯(ପି.ଏନ): ରାଜସ୍ଥାନ କଂଗ୍ରେସରେ ସୃଷ୍ଟି ହୋଇଥିବା ବିବାଦକୁ ନେଇ ଦଳର ପର୍ଯ୍ୟବେକ୍ଷକ ଅଜୟ ମାକେନ ଗୋଟିଏ ରିପୋର୍ଟ ସୋନିଆ ଗାନ୍ଧିଙ୍କୁ ଦେଇଛନ୍ତି। ଏହି ରିପୋର୍ଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ପୂରା ବିବାଦ ପ୍ରସଙ୍ଗରେ କ୍ଲିନଚିଟ ଦିଆଯାଇଛି। ହେଲେ ତାଙ୍କ ସମର୍ଥନରେ ମେଳି କରୁଥିବା ୩ ଜଣ ବିଧାୟକ ଫସି ଯାଇଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମାକେନ ସୁପାରିସ କରିଛନ୍ତି ।ଗେହଲଟ କଂଗ୍ରେସ ସଭାପତି ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବାରୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ କିଏ ହେବେ, ତା'କୁ ନେଇ ସସପେନ୍ସ ଦେଖାଯାଇଥିଲା। ଗେହଲଟ ମୁଖ୍ୟମନ୍ତ୍ରୀ ସହ କଂଗ୍ରେସ ସଭାପତି ପଦ ସମ୍ଭାଳିବାକୁ ଚାହୁଁଥିଲେ। ଯଦି ବି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ, ତା'ହେଲେ ତାଙ୍କ ପସନ୍ଦର ନେତା ରାଜ୍ୟ ମୁଖିଆ ହେବେ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବରେ ହାଇକମାଣ୍ଡ ରାଜି ନ ହେବାରୁ ଗେହଲଟ ଗୋଷ୍ଠୀର ପ୍ରାୟ ୯୦ ବିଧାୟକ ଇସ୍ତଫାର ଧମକ ଦେଇଥିଲେ। ଏହାକୁ ନେଇ ବିବାଦ ବଢ଼ିଥିଲା। ଏପରି କି କଂଗ୍ରେସ ହାଇକମାଣ୍ଡ ଦୁଇ ପର୍ଯ୍ୟବେକ୍ଷକ ଅଜୟ ମାକେନ ଓ ମଲ୍ଲିକାର୍ଜୁନ ଖାଡଗେଙ୍କୁ ସ୍ଥିତି ସମ୍ପର୍କରେ ଆଲୋଚନା କରିବାକୁ ଜୟପୁର ପଠାଇଥିଲେ। କିନ୍ତୁ ସେମାନଙ୍କ ସହ କୌଣସି ବିଧାୟକ ଆଲୋଚନା କରି ନଥିଲେ। ଏହା ସମସ୍ୟାକୁ ଆହୁରି ଜଟିଳ କରିଥିଲା ।ଏବେ ମାକେନ ଦେଇଥିବା ରିପୋର୍ଟରେ ମୁଖ୍ୟ ସଚେତକ ମହେଶ ଯୋଶୀ, ଆରଟିଡିସି ଅଧ୍ୟକ୍ଷ ଧର୍ମେନ୍ଦ୍ର ପାଠକ ଓ ବିଧାୟକ ଶାନ୍ତି ଧାରିୱାଲ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। କଂଗ୍ରେସ ପକ୍ଷରୁ ବିଧାୟକ ଦଳ ବୈଠକ ଡକାଯାଇଥିଲା। ହେଲେ ଏହି ୩ ନେତା ସମାନ୍ତରାଳ ଭାବେ ଅନ୍ୟ ବିଧାୟକଙ୍କୁ ନେଇ ବୈଠକ କରିଥିଲେ ।ବୈଠକ ବେଳେ ବିଧାୟକମାନେ ୨୦୨୦ରେ ସଚିନ ପାଇଲଟ କରିଥିବା ବିଦ୍‌ରୋହ କଥା ଉଠାଇଥିଲେ। ଏହାପରେ ସେମାନେ ଗୋଟିଏ ସଂକଳ୍ପ ପାରିତ କରିଥିଲେ। ଏଥିରେ ସେମାନେ କହିଥିଲେ ଯେ ୨୦୨୦ରେ ସରକାରଙ୍କ ସହ ଯେଉଁମାନେ ଥିଲେ, ସେମାନଙ୍କ ମଧ୍ୟରୁ ହିଁ ମୁଖ୍ୟମନ୍ତ୍ରୀ ବଛାଯିବେ। ଏହି ଘଟଣା ପରେ ଦଳ ପକ୍ଷରୁ ଡକାଯାଇଥିବା ବୈଠକରେ ୯୨ ଜଣ ବିଧାୟକ ଯୋଗ ଦେଇ ନଥିଲେ ।ସେମାନେ ସଚିନ ପାଇଲଟଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଦୂରେଇ ରଖିବା ପାଇଁ ବାଚସ୍ପତିଙ୍କୁ ଭେଟି ଇସ୍ତଫା ଧମକ ଦେଇଥିଲେ। ଦିନକ ପରେ ସେମାନଙ୍କୁ ସୋନିଆ ଗାନ୍ଧି ପଠାଇଥିବା ପର୍ଯ୍ୟବେକ୍ଷଙ୍କ ସହ ୱାନ ଟୁ ୱାନ ଆଲୋଚନା କରିବାର ଥିଲା। ହେଲେ ସେମାନେ ଆଲୋଚନାକୁ ଆସି ନଥିଲେ। ଏପରି କି ୩ ବିଧାୟକ ପୂରା ବିବାଦ ସୃଷ୍ଟି କରିଥିଲେ। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ମାକେନ ରିପୋର୍ଟରେ ସୋନିଆଙ୍କୁ କହିଛନ୍ତି।

## ଲାଂଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ ବରିଷ୍ଠ କିରାଣୀ

ଜୟପୁର, ୨୭।୯(ପି.ଏନ): ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି କୋରାପୁଟ ଜିଲ୍ଲା ବୈପାରୀଗୁଡା ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ସତ୍ୟ ନାରାୟଣ ଦଳେଇ। ଜଣେ ମହିଳା ହିତାଧିକାରୀଙ୍କ ଡଙ୍ଗର ଜମି ପଟ୍ଟାକୁ ଘରବାରି ପଟ୍ଟା ପରିଣତ ପାଇଁ ୫ ହଜାର ଟଙ୍କା ଲାଂଚ ନେବାବେଳେ ହଠାତ ମାଡିବସିଥିଲା ଜୟପୁର ଭିଜିଲାନ୍ସ ଟିମ। ଅନ୍ୟପଟେ କିରାଣୀଙ୍କ କୋରାପୁଟ ଏବଂ ପଟାଙ୍ଗୀ ସ୍ଥିତ ବାସଭାବନରେ ମଧ୍ୟ ଚଢ଼ଉ କରାଯାଇଥିବା ସୂଚନା ମିଳିଛି। ବୈପାରୀଗୁଡାର ଜଣେ ହିତାଧିକାରୀ ତିନି ଏକର ଜମିରୁ ପଚାଶ ସେଂଟ ଜମିକୁ ଘରବାରି ପଟ୍ଟା ନିମନ୍ତେ ଆବେଦନ କରିଥିଲେ। ଏଥିପାଇଁ ବରିଷ୍ଠ କିରାଣୀ ପାଂଚ ହଜାର ଟଙ୍କା ମାଗିବାରୁ ହିତାଧିକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆଜି ହିତାଧିକାରୀଙ୍କ ଭାଇ ମାନସ ମହାନ୍ତିଙ୍କ ଠାରୁ ପାଂଚ ହଜାର ଟଙ୍କା ନେବା ବେଳେ ଭିଜିଲାନ୍ସ ଡିଏସପି ସୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ସାତ ଜଣିଆ ଟିମ ଏହି ଚଢ଼ଉ କରି ବରିଷ୍ଠ କିରାଣୀଙ୍କୁ ଗିରଫ କରିଛନ୍ତି।

## ଅବକାରୀ ବିଭାଗ ଓ ପୁଲିସ୍‌କୁ ପନିକି ଦେଖାଇ ଧମକାଇଲେ ମହିଳା



ମୋହନା,୨୭।୯(ପି.ଏନ): ଅବକାରୀ ବିଭାଗ ଓ ପୁଲିସ୍ ଚଢ଼ଉ କରିବାକୁ ଯାଇଥିଲେ। ହେଲେ ଗେଟ୍ ଖୋଲିଲେ ନାହିଁ। ପନିକି ଧରି ଧମକାଇଲେ ମହିଳା। ଆଉ କହିଲେ, ଗେଟ୍ ଭାଙ୍ଗିଲେ ଆତ୍ମହତ୍ୟା କରିଦେବି। ଶେଷରେ ଖାଲି ହାତରେ ଫେରିଲା ଅବକାରୀ ବିଭାଗ ଓ ପୁଲିସ୍ ? । ଏପରି ଖବର ଆସିଛି ଗଜପତି ଜିଲ୍ଲାରୁ ।ମୋହନା ଥାନା ଅନ୍ତର୍ଗତ ଲବାରସିଂ ଗାଁରେ ମଦ କାରବାର ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଆଜି ଅବକାରୀ, ପୁଲିସ ଓ ୧୩ ଜଣ ଏପିଆର୍ ଫୋର୍ସ ମିଳିତ ଭାବେ ଭାନୁମତି ଶବରଙ୍କ ଘରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଭାନୁମତି ସହଯୋଗ କରିଲେନି। ଜମାରୁ ଘରର ଗ୍ରୀଲ୍ ଗେଟ ଖୋଲିଲେନି। ପରେ ଏକ ଧାରୁଆ ପନିକି ଧରି ପୁଲିସ ଓ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ପାଇଁ ଧମକ ଚମକ ଦେବା ସହିତ ଘରେ ପଶିଲେ ଅତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ହାତରେ ଧରିଥିବା ବିଷ ପିଇଦେବ ବୋଲି କହିଥିଲା। ଗେଟ୍ ବାହାରେ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଅପେକ୍ଷା କଲା ପୁଲିସ୍ ଓ ଅବକାରୀ ବିଭାଗ। ଶେଷରେ ଖାଲି ହାତରେ ଫେରିଲା ପୁଲିସ୍। ଅବକାରୀ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସାହୁଙ୍କ କହିବା ଅନୁସାରେ ମହଳା ଜଣକ ଘରେ ମଦ କାରବାର କରୁଥିଲା। ଖବର ପାଇଁ ଆମେ ଚଢ଼ଉ କରିବାକୁ ଯାଇଥିଲୁ। ହେଲେ ସେ ଆମକୁ ଘରେ ପଶିବାକୁ ଦେଲାନାହିଁ। ପନିକିରେ ଆକ୍ରମଣ କରିବାକୁ ଧମକ ଦେଲା। ଏପରି ବିଷ ପିଇ ଆତ୍ମହତ୍ୟା କରିଦେବ ବୋଲି କହିଥିଲା। ଅଭଦ୍ର ଭାଷାରେ ଗାଳି ଦେଇଥିଲା। ଯେଉଁଥିପାଇଁ ଆମେ ଫେରି ଆସିଲୁ। ପରେ ରାତି ଅଧିକା ଅଧିକ ପୁଲିସ କର୍ମଚାରୀ ନେଇ ଚଢ଼ଉ କରି ତାକୁ ଧରିବୁ ବୋଲି ଶ୍ରୀ ଦାସ କହିଛନ୍ତି। ଖୁବ୍ ଶୀଘ୍ର କୋର୍ଟରୁ ସର୍ଚ୍ଚ ଅର୍ଡର ଆଣି ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ଭାନୁମତିଙ୍କ ଘରେ ପୁଣି ଥରେ ଚଢ଼ଉ କରି ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଅବକାରୀ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସାହୁ।

## ଦିନକ ପରେ ଆସିବେ ନଡ୍ଡା: ମୁକାବିଲା ପାଇଁ ବିଜେଡିର ତରବରିଆ ସମ୍ମିଳନୀ




ଭୁବନେଶ୍ୱର,୨୭।୯(ପି.ଏନ): ଦିନକ ପରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଦୁଇଦିନିଆ ଓଡିଶା ଗସ୍ତକୁ କାଉଂଟର କରିବା ପାଇଁ ଶାସକ ବିଜେଡି ତରବରିଆ ଭାବେ ୨ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରିଛି । ସୋମବାର ଏନେଇ ନବୀନ ନିବାସରେ କାର୍ଯ୍ୟକ୍ରମ ଚୂଡାନ୍ତ ହେବାପରେ ଆଜି ବିଜେଡି ପକ୍ଷରୁ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦିଆଯାଇଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେପି ଓଡିଶାରେ ନିଜର ରଣନୀତିକୁ ଚୂଡାନ୍ତ ରୂପ ଦେବାକୁ ଯାଉଥିବାବେଳେ ବିଜେଡି ମଧ୍ୟ ତା'ର ମୁକାବିଲା ନିମନ୍ତେ ଅଣ୍ଟା ଭିଡିଛି ।ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ଜେପି ନଡ୍ଡା ପ୍ରଥମଥର ପାଇଁ ଆସନ୍ତା ୨୯ତାରିଖରେ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ।ସେ ୨୯ତାରିଖ ସକାଳ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସହ ବିଶାଳ ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟାଳୟକୁ ନିଆଯିବ ।ସେଠାରୁ ସେ ଦିନ ୧୧ଟାରେ ଜନତା ମଇଦାନ ଯାଇ ବିଜେପିର ପ୍ରତ୍ୟେକ ଶକ୍ତି କେନ୍ଦ୍ରର କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିବେ । ବିଜେପି ପକ୍ଷରୁ ଜନତା ମଇଦାନରେ ୨ଦିନିଆ ସାଂଗଠନିକ କାର୍ଯ୍ୟକ୍ରମ ଆୟୋଜନ ହୋଇଛି ।ପ୍ରଥମ ଦିନରେ ଶକ୍ତି କେନ୍ଦ୍ର ପ୍ରମୁଖଙ୍କ ସହ ସଂଗଠନକୁ ସୁଦୃ ? କରିବା ପ୍ରସଙ୍ଗରେ ଆଲୋଚନା କାର୍ଯ୍ୟକ୍ରମ ଥିବାବେଳେ ଦ୍ୱିତୀୟ ଦିନରେ ସମସ୍ତ ଜିଲ୍ଲାର ବିଜେପି ସଭାପତି, ପଦାଧିକାରୀ, ବିଧାୟକ, ସାଂସଦ, ପୂର୍ବତନ ବିଧାୟକ ଓ ସାଂସଦ ପ୍ରାର୍ଥୀ ଏବଂ ପ୍ରଭାରୀଙ୍କ ସହ ଶ୍ରୀ ନଡ୍ଡା ଭିନ୍ନ ଭିନ୍ନ ପର୍ଯ୍ୟାୟରେ ବୈଠକ କରିବେ ।ଏହାସହିତ ସାଂଗଠନିକ ବୈଠକ ଓ ସଂଯୁକ୍ତ ମୋର୍ଚ୍ଚାର ସମାବେଶ ମଧ୍ୟ ହେବ ।ଏଥିପାଇଁ ଦଳ ପକ୍ଷରୁ ପ୍ରସ୍ତୁତିକୁ ଚୂଡାନ୍ତ ରୂପ ଦିଆଯାଉଛି ।ବିଜେପିର ଏହି ଦୁଇଦିନିଆ କାର୍ଯ୍ୟକ୍ରମକୁ କାଉଂଟର କରିବା ନିମନ୍ତେ ବିଜେଡି ପକ୍ଷରୁ ତରବରିଆ ଭାବେ ୨ଦିନିଆ କାର୍ଯ୍ୟକ୍ରମ ବରମୁଣ୍ଡା ପଡିଆରେ ଆୟୋଜନ କରାଯାଇଛି । ଗତକାଲି ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ଏହି କାର୍ଯ୍ୟକ୍ରମ ପାଇଁ ଚୂଡାନ୍ତ ନିଷ୍ପତ୍ତି ନିଆଯିବା ପରେ ଆଜି ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ଅରୁଣ ସାହୁ, ପ୍ରମିଳା ମଲ୍ଲିକ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀ କରି ୨୯ ଓ ୩୦ତାରିଖ ଦୁଇଦିନ ଧରି ଦଳ ପକ୍ଷରୁ ଯୁବ,ଛାତ୍ର ଓ ମହିଳାଙ୍କ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ସଂଗଠନର ପ୍ରତିନିଧି ଏବଂ ସଦ୍ୟଗଠିତ କ୍ୟାମ୍ପସ କମିଟିର ପ୍ରତିନିଧିମାନଙ୍କୁ ନେଇ ବୈଠକ କରାଯିବ । ଯେଉଁଥିରେ ପ୍ରାୟ ୨ହଜାରରୁ ଅଧିକ ପ୍ରତିନିଧି ଯୋଗ ଦେବେ ।ଦ୍ୱିତୀୟ ଦିନରେ ବିଧାୟକ, ସାଂସଦ, ଜିଲ୍ଲା ସଭାପତି, ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷ,ଉପାଧ୍ୟକ୍ଷ ସମେତ ମହାନଗର ନିଗମର ମେୟରମାନେ ମଧ୍ୟ ଉପସ୍ଥିତ ରହିବେ । ଶେଷଦିନରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦଳୀୟ ନେତାମାନଙ୍କୁ ସମ୍ବୋଧିତ କରିବେ ବୋଲି ଜଣାପଡିଛି । ଅକ୍ଟୋବର ୨ରୁ ଦଳର ଏକମାସ ବ୍ୟାପୀ ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଆଳରେ ବିଜେଡି ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ଆୟୋଜନ କରିଛି ।ରାଜନୀତିକ ବିଶ୍ଲେଷକଙ୍କ ମତରେ, ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଓଡିଶା ଗସ୍ତର ଗୁରୁତ୍ୱ ରହିଥିବା ତଥା ବିଜେପି ଅଧିକ ବଳ ଗୋଟାଇ ନିଜର ନିର୍ବାଚନୀ ପ୍ରସ୍ତୁତି କରିବାର ସମ୍ଭାବନା ଥିବାରୁ ବିଜେଡି ମଧ୍ୟ ଅନୁରୂପ ପଦକ୍ଷେପ ନେଇଛି । ସରକାର ଓ ନେତାମାନଙ୍କ ବିରୁଦ୍ଧରେ ବ ?ୁଥିବା ଆକ୍ରୋଶ ତଥା ବିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳରୁ ଫାଇଦା ଉଠାଇ ବିଜେପି ଆଗାମୀ ନିର୍ବାଚନୀ ବୈତରଣୀ ପାର ହେବାକୁ ଉଦ୍ୟମ କରିବା ସହ ବିଜେଡି ଉପରେ ଚାପ ବୃଦ୍ଧି କରିବାକୁ ଯାଉଛି । ଯାହାକୁ ଦୃଷ୍ଟିରେ ରଖି ବିଜେଡି ମଧ୍ୟ ଅନୁରୂପ ଭାବେ ୨ଦିନିଆ କାର୍ଯ୍ୟକ୍ରମ ଚୂଡାନ୍ତ କରିଛି । ସୂଚନାଯୋଗ୍ୟ, ଆସନ୍ତା ଅକ୍ଟୋବର ୩୧ ରୁ ରାଜ୍ୟ କଂଗ୍ରେସ ମଧ୍ୟ 'ଭାରତ ଯୋଡ' କାର୍ଯ୍ୟକ୍ରମ ଅନ୍ତର୍ଗତ ୧୦୦ଦିନିଆ ରାଜ୍ୟବ୍ୟାପୀ ପଦଯାତ୍ରା କରିବାକୁ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡିଛି ।

## ଭିଜିବ ଦୁର୍ଗାପୂଜା : ୧ ତାରିଖ ବେଳକୁ ଘୂର୍ଣ୍ଣିବଳୟ , ୨ଓ ୩ ପ୍ରବଳ ବର୍ଷା

ଭୁବନେଶ୍ୱର ,୨୭।୯(ପି.ଏନ): ଆସନ୍ତା ଅକ୍ଟୋବର ୧ ତାରିଖ ବେଳକୁ ଉତର-ପୂର୍ବ ତତସଂଲଗ୍ନ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳକୁ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଅକ୍ଟୋବର ୨ ଓ ୩ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ତେଣୁ ଏଥର ଦୁର୍ଗାପୂଜାକୁ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଗତକାଲି ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଥିବା ଘୂର୍ଣ୍ଣି ବଳୟ ବର୍ତମାନ ଉତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଲାଗି ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କିଛି ଜିଲ୍ଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ , ରାୟଗଡା ଓ କୋରାପୁଟ ଆଦି ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୨୮ରୁ ୨୯ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ , ରାୟଗଡା , କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର, କନ୍ଧମାଳ ଓ ଗଂଜାମ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।









# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍‌ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**ଧନୁ** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** — ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଙ୍ଗାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ମହାନ ମାନବତାବାଦୀ ରାଷ୍ଟ୍ରଗୌରବ ମହାରାଜା ଶ୍ରୀ ଅଗ୍ରସେନ



ବ୍ୟକ୍ତି , ସମାଜ, ରାଷ୍ଟ୍ର ଏବଂ ବିଶ୍ୱ ଉନ୍ନତିର ମୁଖ୍ୟତଃ ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରିଥାଏ । ସେଗୁଡିକ ହେଲା-ଆର୍ଥିକ, ରାଜନୈତିକ, ସାଂସ୍କୃତିକ, ସାମାଜିକ। ଏହି ଚାରି ସ୍ତମ୍ଭକୁ ସୁଦୃଢ଼ କରି ଉନ୍ନତ ସମାଜର ନବନିର୍ମାଣ ପାଇଁ ଭିତିଭୂମି ତିଆରି କରିବା ମହାରାଜା ଶ୍ରୀଅଗ୍ରସେନଙ୍କ ଜୀବନ ଦର୍ଶନ ରହିଥିଲା। ଯାହାକି 'ସର୍ବଲୋକ ହିତ ଧର୍ମମ୍'ର ମାର୍ଗ ପ୍ରଶସ୍ତ କରିଥିଲା। ଦିବ୍ୟଜ୍ଞାନର ପ୍ରକାଶ ସଂପୂର୍ଣ୍ଣ ବିଶ୍ୱରେ ସର୍ବପ୍ରଥମେ ଧର୍ମଭୂମି ଭାରତରୁ ହିଁ ବିସ୍ତାରିତ ହୋଇଥିଲା। ଈଶ୍ୱରଙ୍କ ବିଭିନ୍ନ ଅବତାର ଏବଂ ମହାପୁରୁଷମାନଙ୍କ ଜନ୍ମ ଓ କ୍ରୀଡାସ୍ଥଳୀ ରୂପେ ଭାରତଭୂମି ବିଖ୍ୟାତ ଅଟେ। ଏହି ପବିତ୍ର ଭୂମି ଉପରେ ଭଗବାନ ମର୍ଯ୍ୟାଦାପୁରୁଷ ଶ୍ରୀରାମ, ଶ୍ରୀକୃଷ୍ଣ, ମହାତ୍ମା ଗୌତମ ବୁଦ୍ଧ, ଭଗବାନ ମହାବୀର, ସନ୍ଥ କବୀରଙ୍କ ଭଳି ମହାପୁରୁଷମାନେ ଜନ୍ମଗ୍ରହଣ କରିଛନ୍ତି। ଏହିପରି ଏକ ମହାନ ବିଭୂତି ରାଷ୍ଟ୍ରଗୌରବ, ଆର୍ଯ୍ୟକୁଳ ଦିବାକର ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ପ୍ରାୟ ୫୨୦୦ ବର୍ଷ ପୂର୍ବେ ହୋଇଥିଲା। ଋଷିମାନଙ୍କ ବୈଦିକ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇ ସମାଜବାଦର ପ୍ରଣେତା ମହାରାଜା ଶ୍ରୀଅଗ୍ରସେନ ମହାଭାରତର ପରବର୍ତୀ ସମୟରେ ଲୁପ୍ତ ହୋଇଯାଉଥିବା ସଂସ୍କୃତି, ଜର୍ଜରିତ ହେଉଥିବା ସାମାଜିକ ଓ ଆର୍ଥିକ ବ୍ୟବସ୍ଥାର ପୁନଃ ଉଦ୍ଧାରର ସଂକଳ୍ପ ନେଇଥିଲେ। ମହାରାଜା ଶ୍ରୀଅଗ୍ରସେନ ବେଦରେ ବର୍ଣ୍ଣିତ ଧର୍ମାଚରଣ ଏବଂ ରାଜଧର୍ମର ନିର୍ବାହ କରିବା ସହିତ ୧୮ଟି ମହାଯଜ୍ଞର ଆୟୋଜନ



କରି ସିଦ୍ଧି ହାସଲ କରିଥିଲେ, ଯାହାବଳରେ ସେ ପରବର୍ତୀ ସମୟରେ ଅନେକ ଲୋକହିତକାରୀ କାର୍ଯ୍ୟ କରିପାରିଥିଲେ। ନିଜ ରାଜ୍ୟକୁ ସର୍ବ ସୁଖ ସମୃଦ୍ଧି ଦ୍ୱାରା ପରିପୂର୍ଣ୍ଣ କରିଥିଲେ। ମହାରାଜା ଶ୍ରୀଅଗ୍ରସେନ ନିଜ ରାଜ୍ୟରେ 'ସର୍ବେ ଭବନ୍ତୁ ସୁଖିନଃ' ଚିନ୍ତାଧାରାରେ ଧର୍ମାଚରଣ, ସମୃଦ୍ଧି ଓ ସୁଶାସନର ଗଂଗା ପ୍ରବାହିତ କରିଥିଲେ। ବେଦ ଅନୁଯାୟୀ ଆଦର୍ଶ ମହାପୁରୁଷ ମହାରାଜା ଶ୍ରୀଅଗ୍ରସେନ ଅଥର୍ବ ବେଦର ମହାମନ୍ତ୍ର 'ଶତହସ୍ତ ସମାହାର, ସହସ୍ର ହସ୍ତ ସଂକିର' ( ଅର୍ଥାତ୍ ହେ ଦୁଇ ହସ୍ତଧାରୀ, ତୁମେ ଶତହସ୍ତ ଭାବେ କୃଷି, ପଶୁପାଳନ, ବ୍ୟବସାୟ କରି ପ୍ରଚୁର ଧନ ଓ ଐଶ୍ୱର୍ଯ୍ୟ ପ୍ରାପ୍ତ କର ଏବଂ ସହସ୍ର ହସ୍ତଧାରୀ ଭାବେ ସମାଜ ଓ ରାଷ୍ଟ୍ରର ଉନ୍ନତି ପାଇଁ ଅଭାବଗ୍ରସ୍ତ, ଦୀନଦରିଦ୍ରଙ୍କ ସହାୟତା କର)ର ଭାବନାକୁ ଆଧାର କରି ଏକ ସମୃଦ୍ଧ ଓ ସୁଖୀ ସମାଜ ଗଠନ କରିବାକୁ ଆଗଭର ହେଲେ। ଏଥିପାଇଁ 'ଗୋଟିଏ ଇଟା, ଗୋଟିଏ ଟଙ୍କା' ସିଦ୍ଧାନ୍ତର ଅୟମାରମ୍ଭ କରିଥିଲେ। ମହାରାଜା ଶ୍ରୀଅଗ୍ରସେନ ଏହିଭଳି 'ଗୋଟିଏ ଇଟା, ଗୋଟିଏ ଟଙ୍କା' ସିଦ୍ଧାନ୍ତ ସଂପୂର୍ଣ୍ଣ ରୂପେ ସ୍ନେହ, ସଦ୍‌ଭାବନା, ସମତା, ସମ୍ମାନ, ସମକକ୍ଷତା, ସଂଗଠନ ଏବଂ ପୁନର୍ବାସର ଏକ ଅନନ୍ୟ ସିଦ୍ଧାନ୍ତ ଅଟେ । ଯାହାକି ଅଦ୍ୟାବଧି ଏକ ଐତିହାସିକ ଉଦାହରଣ ଓ ଭବିଷ୍ୟତ ପାଇଁ ପ୍ରେରଣାର ସ୍ରୋତ ଅଟେ । ଏହି ଯୁଗସ୍ରଷ୍ଟା, ବୈଶ୍ୟ ସମାଜର ଆଦିପୁରୁଷ, ଅଗ୍ରୱାଲ ସମାଜର ଜନ୍ମଦାତା ଓ ସଂରକ୍ଷକ ପ୍ରାତଃସ୍ମରଣୀୟ ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ଭଗବାନ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ୩୪ତମ ପିଢ଼ୀରେ ସୂର୍ଯ୍ୟବଂଶୀ କ୍ଷତ୍ରୀୟ କୁଳର ମହାରାଜ ବଲ୍ଲଭସେନଙ୍କ ଘରେ ହୋଇଥିଲା। କୁହାଯାଏ




ଦ୍ୱାପର ଯୁଗର ଅନ୍ତିମ ଚରଣରେ ଏବଂ କଳିଯୁଗର ପ୍ରାରମ୍ଭର ପ୍ରାୟ ୮୫ବର୍ଷ ପୂର୍ବେ, ଅର୍ଥାତ୍ ଆଜକୁ ୫୨୦୦ ବର୍ଷ ପୂର୍ବେ ଆଶ୍ୱିନ ଶୁକ୍ଳ ପ୍ରତିପଦାରେ ମହାରାଜା ଶ୍ରୀଅଗ୍ରସେନଙ୍କ ଜନ୍ମ ହୋଇଥିଲା। ମହାରାଜ ବଲ୍ଲଭସେନ ଯେତେବେଳେ ନିଜ ଜ୍ୟେଷ୍ଠପୁତ୍ର ଅଗ୍ରସେନ ରାଜ୍ୟଭାର ଗ୍ରହଣ ପାଇଁ ସବୁ ଦିଗରୁ ସୁଯୋଗ୍ୟ ବୋଲି ଅନୁଭବ କଲେ, ସେତେବେଳେ ୨୫ ବର୍ଷ ବୟସ୍କ ଅଗ୍ରସେନଙ୍କୁ ନିଜ ରାଜ୍ୟ ଅଗ୍ରଜନପଦର ରାଜ୍ୟଭାର ଅର୍ପଣ କରିଥିଲେ। ପରେ ନିଜେ ବାନପ୍ରସ୍ଥ ଗ୍ରହଣ କରି ତପସ୍ୟା କରିବାକୁ ଚାଲିଗଲେ। ଯେତେବେଳେ ଦେଶବିଦେଶରେ ରାଜାମାନେ ନିଜର ପ୍ରତିପତି ବଢ଼ାଇବା ପାଇଁ ଯୁଦ୍ଧରେ ବ୍ୟସ୍ତ ରହିଥିଲେ, ସର୍ବତ୍ର ଅଶାନ୍ତି, ଅରାଜକତା, ଖାଦ୍ୟାଭାବ, ଦରିଦ୍ରତା ଦେଖାଦେଇଥିଲା, ସେତେବେଳେ ଆବଶ୍ୟକତା ଥିଲା ଜଣେ ଯୁଗାବତାରୀ ମହାପୁରୁଷଙ୍କର, ଯିଏ ଏ ସମସ୍ତ ଅବ୍ୟବସ୍ଥା ଦୂରକରି ରାଷ୍ଟ୍ରର ପୁନଃନିର୍ମାଣ କରିପାରିବେ। ମହାରାଜା ଶ୍ରୀଅଗ୍ରସେନ ସମୟର ଓ ସମାଜର ଆବଶ୍ୟକତାକୁ ଅନୁଭବ କରି ସନାତନ ବୈଦିକ ବ୍ୟବସ୍ଥା ଅନୁସାରେ ସମାଜରେ ଏକ ସଂଗଠନର ସ୍ଥାପନା କଲେ। ଯେଉଁ ସଂଗଠନ ରାଷ୍ଟ୍ରୀୟ ସୁରକ୍ଷା ସାଙ୍ଗକୁ କୃଷି, ଉଦ୍ୟୋଗ, ବାଣିଜ୍ୟର ବିକାଶ ସାଙ୍ଗକୁ




ଲୋକତାନ୍ତ୍ରିକ ଏବଂ ସମାଜବାଦୀ ବ୍ୟବସ୍ଥାର ନିର୍ବାହ କରିବା ସହ ନୈତିକ ମୂଲ୍ୟର ପୁନଃ ପ୍ରତିଷ୍ଠା ସହ ଶାନ୍ତି ସ୍ଥାପନା କରିପାରିଥିଲା। ସେ ସମୟରେ ଧର୍ମ, ସିଦ୍ଧି, ସୁଖ, ସମୃଦ୍ଧି ଏବଂ କାର୍ଯ୍ୟସିଦ୍ଧି ପାଇଁ ରାଜା ମହାରାଜାମାନେ ଧର୍ମ ଅର୍ଜନ ନିମନ୍ତେ ବଡ ବଡ ଯଜ୍ଞ ଏପରିକି ଅଶ୍ୱମେଧ ଆଦି ଯଜ୍ଞମାନ ଆୟୋଜନ କରୁଥିଲେ । ମହାରାଜ ଅଗ୍ରସେନ ମଧ ମାନବ କଲ୍ୟାଣ ହେତୁ ୧୮ଟି ଯଜ୍ଞର ଆୟୋଜନ କରିଥିଲେ । ୧୭ଟି ଯଜ୍ଞ ସଂପୂର୍ଣ୍ଣ ବିଧି-ବିଧାନରେ ସମାପ୍ତ ହେବାପରେ ୧୮ତମ ଯଜ୍ଞର ପ୍ରଥମ ପର୍ଯ୍ୟାୟରେ ମହାରାଜାଙ୍କର ଜ୍ଞାନୋଦୟ ହୋଇଥିଲା। ସେ ହୃଦ୍‌ବୋଧ କଲେ ଯେ ଯଜ୍ଞରେ ଦିଆଯାଉଥିବା ପଶୁବଳୀ ହିଂସାରୂପୀ ପାପ ଅଟେ। ସେ ୧୮ତମ ଯଜ୍ଞ ବିନା ପଶୁବଳୀରେ ସଂପୂର୍ଣ୍ଣ କରିଥିଲେ । ମୂକ ଓ ନିରୀହ ପଶୁମାନଙ୍କର ହତ୍ୟା କରାଯିବା ଅନୁଚିତ ଅନୁଭବ କରି ବଂଶଜ ଏବଂ ରାଜ୍ୟବାସୀଙ୍କୁ ଜୀବହତ୍ୟା ବନ୍ଦ କରିବା ସହ ଅଂହିସାର ମନ୍ତ୍ର ପ୍ରଦାନ କରିଥିଲେ। କ୍ଷତ୍ରୀୟ ମହାରାଜା ଶ୍ରୀଅଗ୍ରସେନଙ୍କ ଏହି ମହତ୍ୱପୂର୍ଣ୍ଣ ବିଚାରର ପ୍ରଭାବ ବୈଶ୍ୟଜାତି ଉପରେ ମଧ ଗଭୀର ପ୍ରଭାବ ପକାଇଥିଲା। ମହାରାଜଙ୍କ ବିଚାରଧାରାର ପ୍ରଭାବରେ ହିଁ ଆଜି ଅଗ୍ରୱାଲା ସମାଜ ଶାକାହାରୀ, ଅଂହିସାବାଦୀ ଏବଂ ଧର୍ମପରାୟଣ ଜାତି ରୂପେ ପ୍ରତିଷ୍ଠା ଲାଭ କରିଛି ।

**—ସମ୍ପତ୍ କୁମାର ଅଗ୍ରୱାଲ**, ଜିଲା ପ୍ରତିନିଧି, ପ୍ରସାର ଭାରତୀ, ବୌଦ୍ଧ-୭୬୨୦୧୪, ମୋ- ୯୯୩୭୦୬୦୧୯୬


## ଗୋରୁବୋଝେଇ କଂଟେନର ଜବତ ଘଟଣାରେ ଡ୍ରାଇଭର ଓ ହେଲପର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋରୁ ବୋଝେଇ କଂଟେନର ଉଦ୍ଧାର ଘଟଣାରେ ପୁଲିସ କଂଟେନର ଡ୍ରାଇଭର ଓ ହେଲପରକୁ ଗିରଫ କରିଛି । ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ଓଆର-୦୨-ଏପି-୭୨୮୪ ନଂ କଂଟେନର ଗାଡିରେ ୪୫ଟି ଗୋରୁ ବୋଝେଇ କରି ଗତ ମଙ୍ଗଳବାର ରାତିରେ କଲିକତା ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଅଂଚଳର ଏକ ଗୋସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗାଡିର ପିଛା କରିଥିଲେ । ଭୁବନେଶ୍ୱରରୁ ଗୋରୁ ବୋଝେଇ କଂଟେନରର ପିଛା କରି ରାତି ପ୍ରାୟ ୨ଟା ସମୟରେ ଧର୍ମଶାଳା ଥାନା ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚିବା ସମୟରେ କଂଟେନର ଗାଡିର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ପୁଲିସ ଏକ ହାଇୱା ଗାଡି ସହାୟତାରେ କଂଟେନର ଗାଡିକୁ କୁଆଖିଆ ଥାନା ରାଜେନ୍ଦ୍ରପୁର ଅଂଚଳକୁ ନେଇ ସେଠାରେ ଗୋରୁଙ୍କୁ ଗାଡିରୁ ବାହାର କରି ସ୍ଥାନୀୟ ଲୋକମାନଙ୍କ ଜିମା ଦେଇଥିଲେ। ପୁଲିସ କଂଟେନର ଗାଡିକୁ ଜବତ କରିବା ସହ ଏନେଇ ୫୨୦/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଖୋର୍ଦ୍ଧା ବାଲିପାଟଣା ଅଂଚଳର ସେକ ଆବୁ ବସର (୫୨) ଓ ସେହି ଅଂଚଳର ହେଲପର ସେକ ନିଜାମୁଦ୍ଦିନକୁ ପୁଲିସ ଗିରଫ କରିଥିଲା । ଉଭୟ ହେଲପର ଓ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗାଡି ଓ ଗୋରୁ ମାଲିକଙ୍କୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଶିକ୍ଷକଙ୍କୁ ପ୍ରାଣାନ୍ତକ ଆକ୍ରମଣ


ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କେଲୁଅ ନଦୀବନ୍ଧ ରାସ୍ତାର ନୂଆକୂଳ ଗାଁ ନିକଟରେ ଦୁର୍ବୃତଙ୍କ ପ୍ରାଣାନ୍ତକ ଆକ୍ରମଣରେ ଜଣେ ଟ୍ୟୁସନ୍ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି । ଆହତ ଶିକ୍ଷକ ଦେଓଡା ପଞ୍ଚାୟତ ସେରପୁର ଗ୍ରାମର ଅକ୍ଷୟ ଦାଶ (୪୮)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପ୍ରକାଶ ଯେ, ନିକଟସ୍ଥ ଗ୍ରାମରେ ଟ୍ୟୁସନ୍ ସାରି ଶ୍ରୀ ଦାଶ ଏକ ସାଇକଲରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ଏକ ବାଉଁଶ କିଳାରେ ତାଙ୍କ ମୁଣ୍ଡକୁ ହଠାତ୍ ପିଟିଥିଲେ । ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ସେ ସାଇକଲରୁ ଖସି ପଡ଼ିଥିଲେ । ନିକଟରେ ଥିବା ଲୋକମାନେ ତାଙ୍କୁ ନେଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିଲେ । ଆକ୍ରମଣ ପଛର କାରଣ ଜଣାପଡ଼ିନାହିଁ । ଅକ୍ରମଣ କରି ଦୁର୍ବୃତଦ୍ୱୟ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଛନ୍ତି ।

## ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦାବି



ଧର୍ମଶାଳା(ପିଏନ୍): ଧର୍ମଶାଳା ତହସିଲ ବଡ଼କାଏମା ପଞ୍ଚାୟତ ବମ୍ଫୁ ଗାଁ ଛକରେ ଥିବା ଏକ କ୍ୟାବିନ୍ ଗତକାଲି ବିଳମ୍ବିତ ରାତିରେ ଜଳିଯାଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ହେଁ, ନିକଟରେ କିଛି ଯୁବକ ଭୋଜି କରିଥିଲେ । ଭୋଜି ସରିବା ପରେ କ୍ୟାବିନ୍ ଜଳୁଥିବା ଦେଖିବାକୁ ମିଳିଥିଲା । ଖବରପାଇ କ୍ୟାବିନ୍ ମାଲିକ ବମ୍ଫୁ ଗ୍ରାମର ଦିଲୀପ ସାମଲ ପହଞ୍ଚି ନିଆଁକୁ ଆୟତ କରିବାପାଇଁ ଚେଷ୍ଟା କରିଥିଲେ ହେଁ, ସେତେବେଳକୁ କ୍ୟାବିନ୍ ସଂପୂର୍ଣ୍ଣ ଜଳିଯାଇଥିଲା । ଏଥିରେ ଥିବା ଦୁଇଟି ସିଲେଇ ମେସିନ୍, ସୋ କେଶ୍, ନୂଆ ପ୍ୟାଣ୍ଟ୍‌ସାର୍ଟ କପଡ଼ା, ସିଲେଇ ହୋଇଥିବା ପ୍ୟାଣ୍ଟ୍‌ସାର୍ଟ ଆଦି ବିଭିନ୍ନ ସିଲେଇ ସାମଗ୍ରୀ ଜଳିଯାଇଛି । ଏସବୁର ମୂଲ୍ୟ ୬୦ହଜାରରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏ ସଂପର୍କରେ ଶ୍ରୀ ସାମଲ ଧର୍ମଶାଳା ତହସିଲ, ଥାନା ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସଂପର୍କରେ ଅନୁଧ୍ୟାନ କରି ଫେରିଛନ୍ତି । ଦିଲୀପ ସିଲେଇ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# ଗଣେଶ ପରିଜା ସ୍ମାରକୀ ବକ୍ତୃତା ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଗବେଷକ ତଥା ଜନପ୍ରିୟ ଲେଖକ, ଗଣେଶ ପ୍ରସାଦ ପରିଜାଙ୍କ ତ୍ରୟୋବିଂଶ ସ୍ମୃତି ଦିବସ ପରିପ୍ରେକ୍ଷୀରେ 'ଶାରଳା ସ୍ମାରକ' ପକ୍ଷରୁ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' ଓ 'ଗଣେଶ ପରିଜା ସମ୍ମାନ' ପ୍ରଦାନ ଉତ୍ସବ ଗତ ସେପ୍ଟେମ୍ବର-୨୬ ତାରିଖ ସଂଧ୍ୟା ୬ ଘଟିକା ୩୦ମିନିଟ୍‌ରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗବେଷକ ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଲୋକ ଏବଂ ଲୋକୋତ୍ତର ଚେତନା' ଶୀର୍ଷକ ଏହି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଐତିହ୍ୟ ଗବେଷକ ଅନୀଲ ଧୀରଙ୍କୁ ତାଙ୍କର ଓଡିଶାର ଐତିହ୍ୟ ଉପରେ ଗଭୀର ଗବେଷଣା ପାଇଁ 'ପଞ୍ଚମ ଗଣେଶ ପରିଜା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିବାବେଳେ ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ତଥା ଶାରଳା ସ୍ମାରକର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଶ ପରିଜା ଶୁଭେଚ୍ଛୁ ତଥା ସାହିତ୍ୟ ସଂସ୍କୃତିପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆୟୋଜକ ସମିତି ପକ୍ଷରୁ ସ୍ମୃତି ସଂଧାର ସଂଯୋଜକ ତଥା ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର, ସହସଂଯୋଜକ ଶତ୍ରୁଜିତ୍, ସାମ୍ବାଦିକ ଅପୂର୍ବ କୁମାର ମହାନ୍ତି ଓ ବିଜୟ କୁମାର ମହାନ୍ତି ଅନୁରୋଧ କରିଥିଲେ।

## ଦୀନଦରିଦ୍ରର ସେବକ ଥିଲେ ପ୍ରସନ୍ନ ଚମ୍ପତି




ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ସାମ୍ୟବାଦୀ ନେତା ତଥା ସମାଜସେବୀ ପ୍ରସନ୍ନ ଚମ୍ପତିଙ୍କ ଏକ ପ୍ରତିମୂର୍ତି ମଳିପଡ଼ା ଜାତୀୟ ରାଜପଥ ପଶ୍ଚିମ ପାର୍ଶ୍ୱରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଏକ ସ୍ମୃତିସଭା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟଙ୍କ ଅଧକ୍ଷତାରେ ତଥା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବାଣପୁର ଗୋଦାବରୀଶ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ନୃସିଂହ ଚରଣ ପ୍ରଧାନ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ ଓ ବିଶିଷ୍ଟ ଶିକ୍ଷାବିତ୍ ଗତିକୃଷ୍ଣ ଉତରକବାଟ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଚମ୍ପତିଙ୍କ ଜୀବନ ତମାମ ସମାଜସେବା ତଥା ଗ୍ରାମରେ ଡ଼ାକ୍ତରଖାନା ଓ କଲେଜ ପ୍ରତିଷ୍ଠାରେ ତାଙ୍କର ପ୍ରଗାଢ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସର୍ବୋପରି ସେ ଦୀନ ଦରିଦ୍ରର ସେବକଭାବେ କାର୍ଯ୍ୟକରିଥିଲେ ଯାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ପୁତ୍ର ନାଗଭୂଷଣ ଚମ୍ପତି, ପତ୍ନୀ ଜ୍ୟୋସ୍ନାରାଣୀ ସୁନ୍ଦରାୟ, ଉର୍ମିଳା ବଳବନ୍ତରାୟ, ସନ୍ଧ୍ୟାରାଣୀ ହରିଚନ୍ଦନ, ତମାଳ ଦେଇ, ପ୍ରକାଶ ଚମ୍ପତି, କମଳେଶ ମହାରଣା, ଜୟନ୍ତ ଚମ୍ପତି, ପ୍ରସନ୍ନ ମହାପାତ୍ର, ପ୍ରଦୀପ ଚମ୍ପତି, ଅର୍ଜୁନ ପ୍ରଧାନ, ଅମୀୟ ଚମ୍ପତି ପ୍ରମୁଖ ତାଙ୍କ କୀର୍ତିମୟ ଜୀବନର ଅନେକ କଥା ଉଦାହରଣ ଛଳରେ କହିଥିଲେ। ଧନେଶ୍ୱର ବଳିଆରସିଂହ ଓ ଗୁଣନିଧି ସୁବୁଦ୍ଧି ନାମ ସଂକୀର୍ତନ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଲିଟନ ପାହାନ୍ତାସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡ଼ଚଣା କଂଗ୍ରେସର ମିଶ୍ରଣ ପର୍ବ

ଦର୍ପଣ (ପିଏନ)-ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କଲ୍‌ଚରାଲ୍ ସେଣ୍ଟରଠାରେ କୁନ୍ଦଳ ପଞ୍ଚାୟତର ଅନେକ କର୍ମୀ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କନ୍ୟାକୁମାରୀରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଜୋଡ଼ ଯାତ୍ରା କରି କଂଗ୍ରେସକୁ ମଜଭୁତ କରୁଥିବା ବେଳେ ସେହିଭଳି ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି କୁନ୍ଦଳ ପଞ୍ଚାୟତର ବିଭିନ୍ନ ଗ୍ରାମର ଶରତ ଚନ୍ଦ୍ର ଦାସ, ପିତାମ୍ବର କବି, ବାବାଜୀ ସିଂ, ବଂଶୀଧର ବେହେରା, ସେକ ତାସଲିମ, ସେକ ଅସଫାକ ଆଲମ,ସେକ ଅବଦୁଲ, ଗୋବିନ୍ଦ ନାୟକ, ସେକ ଚାନ୍ଦ, ଭରତ ସେଠୀ, ରାଜେନ୍ଦ୍ର ସ୍ୱାଇଁ, ରାଧାନାଥ ବିଶ୍ୱାଳ, ଅଶୋକ ସାହୁ, ସମୀର ସାମଲ, ଗୌତମ ଜେନା, ବିକାଶ ଜେନା, ପ୍ରଦୀପ ସେଠୀ, ଅମର ଦାସ, ଫକୀର ସିଂହ,କିଶୋର ସିଂ, ଜୀବନଜ୍ୟୋତି ରାଉତଙ୍କ ସମେତ ବହୁ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କଂଗ୍ରେସ ନେତା ଶ୍ରୀଯୁକ୍ତ ମହାପାତ୍ର ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଉପଢୌକନ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦୀପ ସାମଲ, ଯୁବ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଶିଶିର ସାମଲ, କୁନ୍ଦଳ ପଞ୍ଚାୟତ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ପ୍ରାକ୍ତନ ପଞ୍ଚାୟତ ସଭାପତି ବ୍ରଜବନ୍ଧୁ ସାମଲ, ଜୟପ୍ରକାଶ ବିଶ୍ୱାଳ, ସତ୍ୟବ୍ରତ ସାମଲ, ବିଚିତ୍ର ଜେନା, ସଞ୍ଜୟ ସିଂ, ଦେବେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଉତ୍ତର ଗବବସ୍ତ ମୌଜାର ହାସିନ ସୁଲତାନାଙ୍କ (୨୨) ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଏପରି ଝୁଲାଇ ଦିଆଯାଇଥିବା ସୁଲତାନାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ଘଟଣାକୁ ନେଇ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ସୁଲତାନାଙ୍କର ମାତ୍ର ୮ମାସ ତଳେ ବିବାହ ହୋଇଥିଲାବେଳେ ତାଙ୍କ ସ୍ୱାମୀ ଗାଡ଼ିଚାଳକ ଭାବେ କାର୍ଯ୍ୟ କରନ୍ତି। ଏକ ଅସଦାଚରଣ ମାମଲାରେ ସେ ଜେଲ ଯାଇଥିଲେ। ଖବର ପାଇ ସଦର ଥାନା ପୁଲିସ ଗବବସ୍ତରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଏହି ଘଟଣାରେ ସୁଲତାନାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ପୁଲିସ ମୁତୟନ କରାଯାଇଛି।

# —ପିତୃପକ୍ଷ: ମହାଳୟା—






ପିତାମାତାଙ୍କ ଋଣ ଜନ୍ମଜନ୍ମାନ୍ତର ନେଇ ଚେଷ୍ଟାକଲେ ବି ଶୁଝାପଡ଼େ ନାହିଁ। ତଥାପି ପୁତ୍ର ସେମାନଙ୍କ ଜୀବଦ୍ଦଶାରେ ବାର୍ଦ୍ଧକ୍ୟରେ ସେମାନଙ୍କୁ ସେବା ଓ ସହାୟତା ଦିଏ ଏବଂ ସେମାନଙ୍କ ମୃତ୍ୟୁ ପରେ ପରାଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶୁଦ୍ଧ, ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କାର୍ଯ୍ୟକରେ। ଏ ସବୁର ମୂଳରେ ଅଛି ସେମାନଙ୍କ ମୋକ୍ଷ ନିମନ୍ତେ ପିଣ୍ଡଦାନ ଦେବା। ଏମିତି କହିଲେ ପିତୃ ଲୋକାଗତ ଆତ୍ମାର ଉର୍ଦ୍ଧ୍ୱଗତି ବା ସଦ୍‌ଗତି ଲାଭ କରିବା ନିମନ୍ତେ ଶ୍ରାଦ୍ଧ ଓ ତର୍ପଣର କର୍ମ କରାଯାଏ। ଏ ପ୍ରକାର ଶ୍ରାଦ୍ଧ ତାଙ୍କ ମୃତ୍ୟୁ ଦିବସରେ କରାଯାଇଥାଏ ଅଥଚ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ କରାଯାଇଥାଏ। ପିତୃପକ୍ଷ କହିଲେ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ଯାଏଁ ଦିବସକୁ ବୁଝାଏ। ଏହି




ଦିନଗୁଡ଼ିକରେ ପିତୃଗଣଙ୍କ ତୃପ୍ତି ବିଧାନାର୍ଥେ ନିତ୍ୟ ତିଳାଞ୍ଜଳି ଅର୍ପଣ କରାଯାଏ। ଏଭିତରୁ ଯେ କୌଣସି ଦିନ ବିନା ତିଥି ନକ୍ଷତ୍ରରେ ପିତୃପକ୍ଷ ଶ୍ରାଦ୍ଧ ଦିଆଯାଇପାରିବ।

ଆଶ୍ୱିନ କୃଷ୍ଣପକ୍ଷ ହେଉଛି ପିତୃପକ୍ଷ; କିନ୍ତୁ ଅମାବାସ୍ୟା ହେଉଛି ପିତୃତିଥି। ଏହି ଦିନକୁ ପିତୃଗଣଙ୍କ ତିଥି ମହାଳୟ ବୋଲି କୁହାଯାଏ। ଏହି ଦିବସରେ ପୁତ୍ର ପୂର୍ବବର୍ତ୍ତୀ ତିନିପୁରୁଷଙ୍କୁ ଶ୍ରାଦ୍ଧବାଢ଼େ। ପିତା, ପିତାମହ ଓ ପ୍ରପିତାମହ ନିଜ କୁଳର ତିନିପୁରୁଷ; ମାତା, ମାତାମହୀ ଓ ପ୍ରପିତାମହୀ ଏମିତି ମାତୁଳ କୁଳର ତିନି ପରୁଷ ସହିତ ଏକ ଲୁପ୍ତ ପୁରୁଷଙ୍କୁ ଦିଏ। ମଉଳାକୁଳର ସଂପୃକ୍ତ ହେତୁ ମହାଳୟା ଶ୍ରାଦ୍ଧକୁ ମଉଳାଶ୍ରାଦ୍ଧ ମଧ୍ୟ କୁହାଯାଏ। ମୃତ୍ୟୁ ଲୋକରେ ଥାଇ ପୂର୍ବ ପୁରୁଷମାନେ ମହାଳୟା ବା ପିତୃପକ୍ଷରେ ପିଣ୍ଡପାଇଁ ଅପେକ୍ଷା କରିଥାନ୍ତି। ଯଦି ପିଣ୍ଡ ଦିଆନଯାଏ, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଅମାବାସ୍ୟା ଦିନ ଶ୍ରାଦ୍ଧଟି ଅତି ପବିତ୍ର। ଏହିଦିନ ସମସ୍ତ ବ୍ୟକ୍ତି ଏବଂ ଜାତି ଶ୍ରାଦ୍ଧ ଦେଇପାରିବେ। ସାଧାରଣତଃ ଏହି ଶ୍ରାଦ୍ଧ ନିଜର ବାସଗୃହ, ତୀର୍ଥନଦୀ, ପୁଷ୍କରିଣୀ, ସମୁଦ୍ରକୂଳ, ତୁଳସୀ ମୂଳ, ଗୟା, ବଦ୍ରିନାଥ, ବ୍ରହ୍ମକୁଣ୍ଡଳ, ଆମ ଓଡ଼ିଶାର ବିନ୍ଦୁସାଗର, ବୈତରଣୀ କୂଳ ଏବଂ ସର୍ବୋପରି ଶ୍ରୀମନ୍ଦିରରେ ଦିଆଯାଇ-ପାରେ। ପିଣ୍ଡରେ ମହାପ୍ରସାଦ, ପାକାନ୍ନ ବା ଆମାନ୍ନ ବଢ଼ାଯାଇପାରେ। କେବଳ



ପିତୃପୁରୁଷ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ତର୍ପଣ କରାଯାଏ ନାହିଁ। ବିଶ୍ୱଦେବ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ, ଛନ୍ଦ ଇତ୍ୟାଦି ତୃପ୍ତିବିଧାନ ପାଇଁ ମଧ୍ୟ ଜଳତିଳ ତର୍ପଣ କରାଯାଏ। ଦକ୍ଷିଣ ହସ୍ତର ତର୍ଜନୀ ବା



ବୃଦ୍ଧାଙ୍ଗୁଳି ମୂଳରେ ଥିବା ସ୍ଥାନ ପିତୃତୀର୍ଥ ନାମରେ ପରିଚିତ। ଏଣୁ ଶ୍ରାଦ୍ଧ ସମୟରେ ସେହି ମୁଦ୍ରାରେ ପିଣ୍ଡ ଅର୍ପଣ କରାଯଏ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି। ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ। ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ। ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟକରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି:

*"ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ/ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା।"*

**ବିପିନବିହାରୀ ମହାନ୍ତି**, ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ରାଜ୍ୟ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନ



ଖୋର୍ଦ୍ଧା (ପିଏନ)-ରାଜ୍ୟ ବୟନ, ହସ୍ତତନ୍ତ୍ର ଏବଂ ହସ୍ତ ଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗର ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନର ଗଠନମୂଳକ ତଥା ସୁଦୂର ପ୍ରସାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗ୍ରାମାଚଂଳର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସହିତ ଶତାବ୍ଦୀ ପୁରୁଣା ହସ୍ତତନ୍ତ୍ର ପରମ୍ପରାକୁ ଏକୀକୃତ କରିବାରେ ରାଜ୍ୟ ସରକାର ସକ୍ରିୟ ପଦକ୍ଷେପ ନେଉଛନ୍ତି। ଏହା କେବଳ ଘରୋଇ ତଥା ବିଦେଶୀ ପରିଦର୍ଶକଙ୍କୁ ଆକର୍ଷିତ କରିବ ନାହିଁ ଏବଂ ଗ୍ରାମାଚଂଳରେ ଜନସାଧାରଣଙ୍କୁ ସେମାନଙ୍କର ସାମାଜିକ ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ । ଜଗତସିଂହପୁର ଜିଲ୍ଲାର ଜୟିପୁର ଠାରେ ଏକ ବୁଣାକାର ଶିଳ୍ପଗ୍ରାମ ବୟନ ଗ୍ରାମକୁ ଉଦଘାଟନ କରାଯାଇଛି। ମାଣିଆବନ୍ଧ ବୌଦ୍ଧ ହସ୍ତତନ୍ତ୍ର ପର୍ଯ୍ୟଟନ ଗ୍ରାମ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଂଚଳର ବିକାଶ ପାଇଁ କାର୍ଯ୍ୟ ହୋଇଥିବା ବେଳେ ଆହୁରି ଅନେକ କାର୍ଯ୍ୟ ଆଗେଇ ଚାଲିଛି ।ଅନେକ ବିଦେଶି ଏବଂ ଘରୋଇ ପର୍ଯ୍ୟଟକ ଓଡିଶାର ବିଭିନ୍ନ ହ୍ୟାଣ୍ଡଲୁମ କ୍ଲଷ୍ଟର ପରିଦର୍ଶନ କରି ହସ୍ତଶିଳ୍ପ ସମ୍ବନ୍ଧିୟ ବିଭିନ୍ନ କୌଶଳ ଏବଂ ପଦ୍ଧତି ଗୁଡିକ ବ୍ୟବସାୟିକ ଉଦ୍ଦେଶ୍ୟରେ ବୁଝିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାର ଦେଖାଯାଏ। କାରିଗର କିମ୍ବା ବୁଣାକାର ସମ୍ପ୍ରଦାୟ ମାନେ ପର୍ଯ୍ୟଟକ/ପରିଦର୍ଶକଙ୍କୁ ଏକ ସୂଚନା ପୂର୍ଣ୍ଣ ତଥ୍ୟ ପ୍ରଦାନ କୌଶଳ ଉପରେ ଅଭିଜ୍ଞତା ରହିବା ଅତ୍ୟନ୍ତ ଆବଶ୍ୟକ। ତେଣୁ ଓଡିଶାର ୭୩ ଟି ହସ୍ତତନ୍ତ୍ର କ୍ଲଷ୍ଟରର ୭୩୦ ଜଣ ମାଷ୍ଟର ବୁଣାକାର /ପୁରସ୍କାରପ୍ରାପ୍ତ ବୁଣାକାର,ଉଦ୍ୟୋଗୀ ବୁଣାକାର/କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନା ଉପରେ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ଗୋଟିଏ ଦିନ ତାଲିମ ଦିଆଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ଦୃଷ୍ଟିରୁ ଖୋର୍ଦ୍ଧା ହସ୍ତତନ୍ତ୍ର ଅଂଚଳ (ଜୋନ)ର ବୁଣାକାରମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ୨୦୨୨ ମସିହା ସେପ୍ଟେମ୍ବର ୨୩ ରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ଦ୍ୱାରା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ହସ୍ତତନ୍ତ୍ର ପୁଞ୍ଜ ବିକାଶ ଆନୁଷ୍ଠାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବୟନ ଶିଳ୍ପ ଉପ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି,ଖୋର୍ଦ୍ଧା ସାଧାକ ର ଦିଲ୍ଲୀପ ବାଗ,ସହକାରୀ ପ୍ରଫେସର ଡକ୍ଟର ବି ସ୍ୱଜନ ଉଦଘାଟନ କରିଥିଲେ ।ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟର ବୟନ ତତ୍ତ୍ୱାବଧାରକ ଭବତୋଷ ବେହୁରା ,ଦେବ ଘଡେଇ ,ରୋଜାଲିନ ଦାସ,ପ୍ରଣତୀ ସାହୁ, ସାଧାକର ଜ୍ୟୋର୍ତିମୟୀ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ୨ଟି ଜିଲ୍ଲାର (ଖୋର୍ଦ୍ଧା ଓ ପୁରୀ) ଜିଲ୍ଲା ୩୦ ଜଣ ବୁଣାକାର ଯୋଗଦାନ କରିଥିଲେ। ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ ସୂଚନା ଆଦାନ ପ୍ରଦାନ କରିବା ସହିତ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଏବଂ ସଶକ୍ତ କରିବ। ହସ୍ତତନ୍ତ୍ର ପୁଞ୍ଜର ପର୍ଯ୍ୟଟନ ବିକାଶ ଏହି ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମର୍ତେ ଗୁରୁତ୍ୱପୂର୍ଣ୍ଣ ରଣନୀତି ଭାବରେ ଗ୍ରହଣ କରାଯାଏ ।ସମ୍ପ୍ରଦାୟର ବିକାଶ ସଫଳତା ଓ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୨୮

# ସମ୍ପର୍କ

## (ଏକ ମନୁଷ୍ୟକୃତ ସାମାଜିକ ବନ୍ଧନ!)



ମାନବ ଭାବକୁ ପ୍ରକାଶ ନକଲେ ମଧ ଅନୁଭବ ହେବା ଏକ ପ୍ରାକୃତିକ ସଂଯୋଜନା ଯାହା ଉଭୟେ ଅନୁଭବ କରିଥା'ନ୍ତି ମନ ଭିତରେ ଅପ୍ରକାଶରେ। ତେଣୁ ଉଭୟଙ୍କ ମଧ୍ୟରେ ପ୍ରାୟତଃ ମତାନ୍ତର ସହିତ ମନାନ୍ତର ଭାବ ରହିଥାଏ ସବୁବେଳେ ଯାହା ସେମାନଙ୍କ ସମ୍ପର୍କକୁ ଦୁର୍ବଳ କରିଥାଏ। ଏମିତିକି ସ୍ୱାମୀନେ ବିଭିନ୍ନ ଅବୈଜ୍ଞାନିକ ବିଚାରଧାରା ତଥା କଳୁଷିତ ବାତାବରଣ ସହିତ ନିଜକୁ ସଂଯୋଜିତ କରି ନିଜ ସ୍ୱାମୀଙ୍କୁ ମଧ ଅବାଟରେ ପରିଚାଳିତ କରୁଥିବା ଦେଖିବାକୁ ମିଳେ ଯାହା ତାଙ୍କ ସ୍ୱାମୀଙ୍କ ଇଚ୍ଛାବିରୋଧୀ ହୋଇଥାଏ! ତଥାପି ସମୟଚକ୍ରରେ ସ୍ୱାମୀ ସେଗୁଡ଼ିକୁ ଉପରେ ଗ୍ରହଣ କଲେ ମଧ ଆନ୍ତରିକ ସଦିଚ୍ଛା ନରଖି ଆତ୍ମୀୟତାରଣ ଗୁଣ ହେତୁ ସମ୍ପର୍କ ଦୁର୍ବଳ ହେଉଥିବା ବିଷୟ ମଧ ଲକ୍ଷି କମ୍ ଦେଖିବାକୁ ମିଳୁନାହିଁ ସମାଜରେ। ଜୀବନର ଅନେକ କ୍ଷଣରେ ପ୍ରତ୍ୟେକ ସମୟରେ ବାଦାନୁବାଦଜନିତ ମାନସିକ ଘୃଣାଭାବ ସୃଷ୍ଟି ହୋଇ ସ୍ୱାମୀ-ସ୍ତ୍ରୀ ସମ୍ପର୍କକୁ ଦୁର୍ବଳ କରିଥାଏ, ଯାହା ସାଧାରଣରେ ଅନୁଭୂତ ହେଉ ନ ଥିଲେ ମଧ ଅଲୌକିକ ଭାବେ ସେମାନଙ୍କ ମଧ୍ୟରେ ସମ୍ପର୍କକୁ ଯଥେଷ୍ଟ ଦୁର୍ବଳ କରିଥାଏ, ଯାହା ଅନ୍ୟ କୌଣସି ସମ୍ପର୍କରେ ଘଟି ନ ଥାଏ କେବଳ ସମ୍ପର୍କର ଦୃଢତା ହେତୁ। କେତେକ ସମୟରେ ସେହି ସମ୍ପର୍କର କଠୋରଭାବ ଏମିତି ଭୀଷଣ ରୂପ ନେଇଥାଏ ଯେ ସେମାନେ ଜଣେ ଅନ୍ୟଠାରୁ ଦୂରେଇ ରହିବା ନିଷ୍ପତ୍ତି ନେଇଥା'ନ୍ତି, ଯାହା ଆଜି ସମୟରେ ପ୍ରାୟତଃ ଅନେକଙ୍କ ପରିବାରରେ ଦେଖିବାକୁ ମିଳୁଛି। ବିବାହର କିଛିଦିନ ମଧ୍ୟରେ ଅନେକ ଅଘଟଣ ଦେଖିବାକୁ ମିଳୁଛି ଅନେକ ପରିବାରରେ। କିନ୍ତୁ କେତେକ ସଂଖ୍ୟାଗରିଷ୍ଠ ପରିବାର ମଧ୍ୟରେ ଏହିଭଳି ଅସାମାଜିକ/ଅମାନୁଷିକ ଘଟଣା ନ ଘଟିଲେ ମଧ ଭିତରେ କୁହୁଳୁଥିବା ଅନୁଭବ ରହିଥାଏ ସେମାନଙ୍କ ମନରେ।

ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଶାରୀରିକ ସଂଯୋଜିତ ମାନସିକ ଆବଦ୍ଧ ଭାବ ଜଡିତ ସମ୍ପର୍କ ସ୍ଥାପନ ହେବା ଏବଂ ତତ୍ପରବର୍ତ୍ତୀ ସମ୍ପର୍କରେ ଯଥେଷ୍ଟ ଦୁର୍ବଳତା ସୃଷ୍ଟି ହେବା ପଛର ରହସ୍ୟଗୁଡ଼ିକ ମଧ୍ୟରେ କେତୋଟି ଉଦାହରଣ ହେଉଛି:-ଦୁଇଟି ଭିନ୍ନ ଜାତିର (ଏଠାରେ ଜାତି ଅର୍ଥ ପ୍ରାକୃତିକ ଜାତି, ମନୁଷ୍ୟକୃତ ପ୍ରଥାଗତ ଜାତି ନୁହେଁ) ମଣିଷଙ୍କ ମଧ୍ୟରେ ଆକସ୍ମିକ ଭାବେ ଗୋଟିଏ ଦିନରେ ସମ୍ପୂର୍ଣ୍ଣ ଜନ୍ମକୁ ଏକ କରେଇ ବନ୍ଧନ ସୃଷ୍ଟି ହେବା। ଦୁଇଟି ଭିନ୍ନ ଜନ୍ମଗତ ଗୁଣ, ଧର୍ମ, ବିଚାର, ଚରିତ୍ର ସଂଯୋଜିତ ମଣିଷଙ୍କ ସର୍ବଦିଗ ଆଚରଣରେ ସମାନ ମେଳ ନରହିବା। ଅତ୍ୟନ୍ତ ନିକଟରୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ ଭାବେ ଉଭୟଙ୍କ ମଧ୍ୟରେ ସବୁପ୍ରକାର ବାର୍ତ୍ତାଳାପର ଖୋଲା ଆଦାନପ୍ରଦାନ ହେବା। ଏକ ଆକସ୍ମିକ ମିଳନ ପରେ ଜଣେ ଅନ୍ୟଜଣଙ୍କ ପ୍ରତି ଅତ୍ୟନ୍ତ ଆକୃଷ୍ଟତା ଭାବ ରଖି ସମାଜର ଅନ୍ୟାନ୍ୟ ସମ୍ପର୍କଗୁଡ଼ିକୁ କ୍ଷୀଣ କରିବା। ମହିଳାଙ୍କ ସାମାଜିକ ଦୁର୍ବଳତା କାରଣରୁ ସହାନୁଭୂତି, ସୁରକ୍ଷାଜନିତ ବିଭିନ୍ନ ଷଡ଼ଯନ୍ତ୍ରିକ ସ୍ୱାର୍ଥ ମନୋଭାବ ରଖି ପୁରୁଷଙ୍କୁ ପରିଚାଳିତ କରିବା ପରିପନ୍ଥୀ ହେବା। ସାମାଜିକ, ପାରିବାରିକ ସମାନତାର ତାଳମେଳ ନରହିଲେ ଉଭୟଙ୍କ ମନୋଭାବରେ ବିଷମତା ଦେଖାଯିବା। ପରିବାର ତଥା ଅନ୍ୟାନ୍ୟ ସମ୍ପର୍କିତ ମଣିଷଙ୍କ ସ୍ୱାର୍ଥ କାରଣରୁ ବିଭିନ୍ନ ଷଡ଼ଯନ୍ତ୍ରିକ ପ୍ରରୋଚନାରେ ପଡି ନିଜସ୍ୱ ବିଚାରଧାରାକୁ କଳୁଷିତ କରିବା। କୌଣସି ଏକ ଶାନ୍ତିପୂର୍ଣ୍ଣ ପରିବାର ପ୍ରତି ଅସୂୟା ଭାବ ରଖି ବିଭିନ୍ନ ବନ୍ଧୁ ପରିଜନ ତଥା ଅନ୍ୟାନ୍ୟ ସମ୍ପର୍କମାନଙ୍କ ସେହି ପରିବାର ତଥା ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳୁଷିତ ପ୍ରେରଣା ପ୍ରଦାନ କରିବା। ଉଭୟ ପକ୍ଷର ପୈତୃକ ସମ୍ପତ୍ତି ପ୍ରତି ଆକୃଷ୍ଟ ଭାବ ରଖି ଅପ୍ରାପ୍ତି ହେତୁ ଭୀଷଣ ମନାନ୍ତର ଭାବ ସୃଷ୍ଟି ହେବା। ଉଭୟଙ୍କ ପରିବାର ମଧ୍ୟରେ ସାମାଜିକ ପ୍ରାଧାନ୍ୟତା ଉପରେ ଆଧାରିତ ବିଚାର ଭାବ ରଖି ଉଭୟଙ୍କ ମଧ୍ୟରେ ଛୋଟ, ବଡ଼ର ତଉଲ କରୁଥିବା। ଉପସ୍ଥିତ ସମୟର ରୋଜଗାର ମଧ୍ୟରେ ନିଜକୁ ସନ୍ତୁଳନ ରକ୍ଷା ନ କରି ଉଚ୍ଚାଭିଳାଷ କରିବା। କୌଣସି ସମୀକ୍ଷାବିହୀନ ସାମାଜିକ ମାନ୍ୟତାରହିତ ପ୍ରେମ ବିବାହ କରିବା। ସର୍ବୋଚ୍ଚ ସର୍ବଦିଗ ବିଚାର ନକରି ଆକସ୍ମିକ ଭାବେ ସମ୍ପର୍କ ସ୍ଥାପନ କରି ପରବର୍ତ୍ତୀ ସମୟରେ ବିଭିନ୍ନ ବିଷୟର ସମୀକ୍ଷା କରି ଘୃଣାଭାବ ସୃଷ୍ଟି ହେବା ଭଳି ଆହୁରି ଅନେକ ବିଷୟ ସ୍ୱାମୀ-ସ୍ତ୍ରୀ ଆନ୍ତରିକ ସମ୍ପର୍କରେ ଦୁର୍ବଳତା ସୃଷ୍ଟି କରିଥାଏ, ଯାହା ଅଳ୍ପ ବହୁତରେ ସମସ୍ତଙ୍କର ନିଜସ୍ୱ ଅନୁଭୂତି ରହିଥିବ। ତଥାପି ବାହ୍ୟରେ ସବୁଠାରୁ ଶକ୍ତ ଭାବେ ପ୍ରଦର୍ଶିତ ସେହି ସମ୍ପର୍କର ସଂଜ୍ଞା ବୁଝିବା ସାଧାରଣ ନିର୍ବୋଧଙ୍କ କ୍ଷମତା ବହିର୍ଭୂତ ରହି ଚାଲିଥାଏ ଆମ ସମାଜ।

ଯେଉଁସବୁ ସମ୍ପର୍କଗୁଡ଼ିକ ବିଷୟରେ ଉପରେ ଆଲୋଚନା କରାଗଲା, ସେଗୁଡ଼ିକ କେବଳ ସାଧାରଣ ମଣିଷଙ୍କ ଲୌକିକ ବଂଶଗତ ସମ୍ପର୍କ ବ୍ୟତୀତ ଆହୁରି ଅନେକ ପ୍ରକାର ସାମାଜିକ ସମ୍ପର୍କ ଦେଖିବାକୁ ମିଳେ ସମାଜରେ, ଯାହାସବୁ ସମୀକ୍ଷା କଲେ ଏକ ବିସ୍ତୃତ ଅଧ୍ୟାୟ ହେବ। କିନ୍ତୁ ସାଧାରଣ ଜୀବନଯାତ୍ରାର ଏହି କେତେକ ସମ୍ପର୍କଗୁଡ଼ିକୁ ସମୀକ୍ଷା କରି ଯଦି ଏକ ସନ୍ତୁଳିତ ସମ୍ପର୍କ ସ୍ଥାପନ କରାଯାଏ ନିଜସ୍ୱ କ୍ଷେତ୍ର ମଧ୍ୟରେ, ତାହାହେଲେ ମଣିଷ ଶେଷ ସମୟରେ କିଂଚିତ ସୁଖରେ ରହିବା ସମ୍ଭାବନାକୁ ଅଗ୍ରାହ୍ୟ କରିହେବ ନାହିଁ। କିନ୍ତୁ କୌଣସି ଗୋଟିଏ ଦିଗରେ ନିଜକୁ ସମ୍ପୂର୍ଣ୍ଣ ସଂଯୋଜିତ କରି ରଖି ସମାଜର ଅନ୍ୟାନ୍ୟ ସମ୍ପର୍କଗୁଡ଼ିକୁ ପ୍ରତ୍ୟାଖ୍ୟାନ କରୁଥିବା ମଣିଷର ଶେଷଜୀବନ ନିରାନନ୍ଦ ହେବା ଅତ୍ୟନ୍ତ ସମ୍ଭବ ହୋଇପଡ଼େ, ଯାହାର ଉପରେ କେହି କରିପାରିବେ ନାହିଁ; ବରଂ ନିଜକୁ ନିଜେ ମନମାନସରେ ଜାଳି ଜାଳି ଶେଷନିଃଶ୍ୱାସ ତ୍ୟାଗ କରିବାକୁ ହିଁ ପଡ଼ିବ। ଯେହେତୁ ଆସିଛୁ ଏକା ଯିବୁ ଏକା ହୋଇ, ସାଥିରେ ନଯିବେ କେହି, ତେଣୁ ସାମାଜିକ ସମ୍ପର୍କଗୁଡ଼ିକୁ ସମାନତାର କରି ପରିବେଷ୍ଟନୀରେ ଉପସ୍ଥିତ ସମସ୍ତଙ୍କ ପ୍ରତି ଉପଯୁକ୍ତ ଆନ୍ତରିକ ଭାବ ପୋଷଣ କରୁଥିବା ମଣିଷର ଜୀବନ ଆନନ୍ଦମୟ ହେବା ସ୍ୱାଭାବିକ ଯେଉଁଠି ବ୍ୟକ୍ତିକେନ୍ଦ୍ରିକ ସ୍ୱାର୍ଥ ଭାବ ରଖି ସମ୍ପର୍କ ସ୍ଥାପନ କରୁଥିବା ମଣିଷର ଜୀବନ ନିରାନନ୍ଦ ହୋଇଥାଏ ଜୀବନର ଶେଷ ପର୍ଯ୍ୟାୟରେ! ବିଭିନ୍ନ ସମ୍ପର୍କଗୁଡ଼ିକୁ ବୁଝିବା ଏବଂ ସେଗୁଡ଼ିକର ଉପଯୁକ୍ତ ଚରିତାର୍ଥ କରିବା ଏତେ ସହଜ ନୁହେଁ ମୋହ, ମାୟା ସଂସାରରେ! ତଥାପି ଯିଏ ସେସବୁ ବୁଝିବାକୁ ଚେଷ୍ଟା କରିବ କେବଳ ଅସମ୍ଭବ ବିଷୟ ନୁହେଁ! ଯାହାହେଉ ଅଜ୍ଞାନତାର ଚରମସୀମାରେ ରହି ମଧ ଯିଏ ସାମାଜିକ ସମ୍ପର୍କଗୁଡ଼ିକ ସମାନତାର କରି ନିଜ ଚତୁର୍ପାର୍ଶ୍ୱର ସମସ୍ତ ସଦସ୍ୟଙ୍କ ସହିତ ଉପଯୁକ୍ତ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟିତ ରହିଥା'ନ୍ତି, ସେମାନଙ୍କ ଜୀବନ ବଂଚିବା ଶୈଳୀ ଏକ ଭିନ୍ନ ଉଚ୍ଚମାର ଭାବ ସହିତ ଜୀବନ ଶେଷରେ ସହାନୁଭୂତିର ଆସର ଯଥେଷ୍ଟ ହୋଇଥାଏ। ତେଣୁ ବିଚାରଶୀଳ ସମ୍ପର୍କ ସ୍ଥାପନ କରି ସମସ୍ତଙ୍କୁ ସଦ୍ଭାବପୂର୍ଣ୍ଣ ପ୍ରେମ ବାଣ୍ଟିଲେ ଯେ ଆମ ଜୀବନ ସୁଖ, ଶାନ୍ତିମୟ ହେବ, ସେଥିରେ ତିଳେହେଲେ ଦ୍ୱିଧା ନାହିଁ। କିନ୍ତୁ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିକେନ୍ଦ୍ରିକ ସମ୍ପର୍କ ଅସମୟରେ ଅସହଯୋଗର ବାର୍ତ୍ତା ପ୍ରେରଣ କରିବା କୌଣସି ଆଶ୍ଚର୍ଯ୍ୟାନ୍ୱିତ ହୋଇବା ନୁହେଁ...! (ସମାପ୍ତ)

**ପଙ୍କଜ କୁମାର ପାଣିଗ୍ରାହୀ, ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।
**E-mail: editorpbkc@gmail.com**
**9853400829 (M), Fax: 0674-2550504**


# ରାଧାନାଥ ରାୟ ଥିଲେ ନୂତନ ଯୁଗର ପ୍ରବର୍ତ୍ତକ

**ଉମାଶଙ୍କର ପ୍ରସାଦ**



ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ପାଶ୍ଚାତ୍ୟ ସାହିତ୍ୟ ପ୍ରଭାବରେ ଆଧୁନିକ ସାହିତ୍ୟ ଗଢିବାରେ ଯେଉଁମାନେ ଆଗେଇ ଆସିଥିଲେ, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ, ସର୍ବପ୍ରଥମ ଓ ସର୍ବଶ୍ରେଷ୍ଠ ଥିଲେ କବିବର 'ରାଧାନାତ ରାୟ'। ତାଙ୍କର ସାରସ୍ୱତ ସାଧନାର ଜୀବନ ଥିଲା ଅନେକ କଷ୍ଟସାଧ ତଥା ସଙ୍କଟମୟ। ତଥାପି ସ୍ଥିତପ୍ରଜ୍ଞ ଭାବେ ବିଚଳିତ ନହୋଇ ସେ ଯାହା ସୃଷ୍ଟିକଲେ ତାହା ହେଲା ଅନନ୍ୟ ସାଧାରଣ। ସେହି କିମ୍ବଦନ୍ତୀ ପୁରୁଷ ବାଲେଶ୍ୱର ଜିଲ୍ଲାର ସୋର ନିକଟସ୍ଥ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ପିତା ସୁନ୍ଦର ନାରାୟଣ ଓ ମାତା ତାରିଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ପାଂଚବର୍ଷ ବୟସରେ ସେ ହୋଇଥିଲେ ମାତୃହୀନ। ଯଦିଓ ବିମାତା ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ତଥାପି ମାତୃବିୟୋଗ ଦୁଃଖ ତାଙ୍କର ସହଚର ହୋଇ ରହିଥିଲା। ମାଟିବଂଶ ଅବଧାନଙ୍କଠୁ ଶିକ୍ଷା ଆରମ୍ଭ କରି ପିତାଙ୍କ କଠୋର ଶାସନ ଭିତରେ ସେ ଶିକ୍ଷାଲାଭ କରି ଜଣେ ମେଧାବୀ ଛାତ୍ର ଭାବେ ନିଜକୁ ଗଢିଥିଲେ। ୧୮୬୩ ମସିହାରେ ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବାସହ ୧୪ ଟଙ୍କା ବୃତ୍ତି ପାଉଥିଲେ। ବାଲ୍ୟ କାଳରୁ ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଓ ରୁଗ୍‌ଣ ଶରୀର ଥିଲା। ୧୮୬୪ ମସିହାରେ ରାଧାନାଥ ବାଲେଶ୍ୱର ଜିଲ୍ଲା ସ୍କୁଲର ତୃତୀୟ ଶିକ୍ଷକ ଭାବେ ଯୋଗଦେବା ସହ ସେ ସଂସ୍କୃତ, ବଙ୍ଗଳା ଓ ଇଂରାଜୀ ଗ୍ରନ୍ଥମାନ ଅଧ୍ୟୟନ କରିଥିଲେ। ସେତେବେଳେ ସେ ଫକୀରମୋହନ ସେନାପତି, ରାଜା ବୈକୁଣ୍ଠନାଥ ଦେ ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସମ୍ପର୍କରେ ଆସିଥିଲେ। ସେ ପୁରୀ ଜିଲ୍ଲା ସ୍କୁଲରେ ଯୋଗଦେବା ସମୟରେ ମଧୁସୂଦନ ରାଓ ସେ ସ୍କୁଲର ଛାତ୍ର ଥିଲେ। ୧୮୭୦ ମସିହାରେ ତାଙ୍କର ପରଶମଣୀ ଦେବୀଙ୍କ ସହିତ ବିବାହ ହୋଇଥିଲା। ବାଙ୍କୁଡା ବିଦ୍ୟାଳୟରୁ ବିଦାୟ ନେବାବେଳେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଯାହା ଥିଲା ତାଙ୍କ ପାଇଁ ସର୍ବଶ୍ରେଷ୍ଠ ସମ୍ମାନ। ୧୯୭୨ ଜୁଲାଇ ୨୬ ତାରିଖରେ ସେ ବାଲେଶ୍ୱର ଜିଲା ସମୂହର ଡେପୁଟି ଇନ୍‌ସପକ୍ଟେର ଭାବେ ଯୋଗଦେଲେ। ବାଲେଶ୍ୱର ଜିଲ୍ଲାରେ ଦ୍ୱିତୀୟ ଶିକ୍ଷକ ଭାବେ ମଧୁସୂଦନ ଯୋଗଦେଇଥା'ନ୍ତି। ଉଭୟଙ୍କର ପୁନର୍ବାର ମିଳନ ଫଳରେ ୧୮୭୩ ମସିହାରେ ପ୍ରକାଶ ପାଇଥିବା 'ଉତ୍କଳ ଦର୍ପଣ' ପତ୍ରିକାରେ ଉଭୟଙ୍କର ସାରସ୍ୱତ ପ୍ରତିଭାର ବିକାଶ ଘଟିଲା। ୧୮୭୭ ମସିହା ନଭେମ୍ବର ମାସ ୨୬ ତାରିଖରେ ରାଧାନାଥ ଓଡିଶାର ଶିକ୍ଷା ବିଭାଗର ଜଏଂଟ ଇନ୍ସପେକ୍ଟର ଭାବେ ନିଯୁକ୍ତ ହେଲେ। ଉତ୍କଳର ଅପରୂପ ସୌନ୍ଦର୍ଯ୍ୟ ତାଙ୍କ କବିପ୍ରାଣକୁ ବିମୋହିତ କରିଥିଲା। ସେ ବଙ୍ଗଳାରେ କବିତା ଲେଖା ଛାଡି ଓଡିଆ କାବ୍ୟ କବିତା ରଚନାରେ ସମ୍ପୂର୍ଣ୍ଣ ମନୋନିବେଶ କଲେ। ୧୮୮୩ରେ ସେ ଓଡିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ୧୮୮୬ରେ ସେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳ ଦେବଙ୍କ ଆତିଥ୍ୟ ଗ୍ରହଣ କରିବା ସହ ବିଶିଷ୍ଟ କବିଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ୧୮୯୬ ମସିହାରେ ଓଡିଶା ସରକାର ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଥିଲେ। ରାଧାନାଥ ପ୍ରଥମେ ବଙ୍ଗଳାରେ କବିତା ରଚନା କରିଥିଲେ। ସେ ଜାଣି ନଥିଲେ ଯେ ଓଡିଆ ସାହିତ୍ୟ ସାଧନା କ୍ଷେତ୍ରରେ ସେ ଦିନେ ଯଶସ୍ୱୀ ହେବେ। ମଧ୍ୟଯୁଗୀୟ ଶ୍ରେଷ୍ଠ ରୀତିକବି ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ଥିଲା। ଯଦିଓ ତାଙ୍କର କବିତାଗୁଡିକ ମାଇକେଲ ମଧୁସୂଦନ ଦତ୍ତଙ୍କ କାବ୍ୟ ଆଦର୍ଶରେ ରଚନା କରାଯାଇଥିଲା ତଥାପି ତାଙ୍କ କବିତା ମାଇକେଲ ମଧୁସୂଦନ ଦତ୍ତଙ୍କଠାରୁ ଉଚ୍ଚକୋଟୀର ଥିଲା। ଉପେନ୍ଦ୍ର ଭଞ୍ଜଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସେ ବଙ୍ଗଳାରେ ଲେଖିଥିଲେ-"ଧନ୍ୟ ରାଜକବି ତୁମି! ଜନମି ସୁକ୍ଷଣେ-ଗ୍ରହନିଲା ପ୍ରଦେଶେ ହେ କବୀନ୍ଦ୍ର ମଣି। ସାଜାୟେଛ ବୈଦେହୀଶ ହେ କବି ରତନ, ତୋମା ବିନା ସାଧ୍ୟକାର ସାଜୟ ଏମନ।" ଓଡିଶାରେ ସେତେବେଳେ ଫକୀରମୋହନ କେବଳ ଓଡିଆରେ ଲେଖାଲେଖି କରୁଥିଲେ ଯାହା ଓଡିଆ ହିତୈଷୀ ମାଜିଷ୍ଟ୍ରେଟ ଜନ୍ ବୀମସ୍‌ଙ୍କ ଦୃଷ୍ଟିକୁ ଆସୁଥାଏ। ଦିନେ ବୀମସ୍ ରାଧାନାଥଙ୍କୁ କହିଲେ, "ଫକୀର ମୋହନ ଏକାକି ଓଡିଆରେ ଲେଖୁଛି। ତୁମେମାନେ ସବୁ ଲେଖୁନାହଁ। ବଡ ଲଜ୍ଜାର ବିଷୟ।" ବୀମସ୍‌ଙ୍କ ସେହି କଥା ପଦକ ତାଙ୍କ ହୃଦୟରେ ଝଙ୍କୃତ ହେଲା। ସେ ମଧ ଓଡିଆରେ ଲେଖିବା ପାଇଁ ଅଭ୍ୟାସ ଜାରି ରଖିଲେ। ସେତେବେଳେ ଫକୀରମୋହନଙ୍କ ଉଦ୍ୟମରେ ବାଲେଶ୍ୱରରୁ 'ବାଲେଶ୍ୱର ସମ୍ବାଦ ବାହିନୀ' ଓ 'ବୋଧଦାୟିନୀ' ପ୍ରକାଶ ପାଇଲା। ଗୌରୀଶଙ୍କର ପ୍ରକାଶ କଲେ "ଉତ୍କଳ ଦୀପିକା" ଓ "ଉତ୍କଳ ଦର୍ପଣ" ଯାହାର ପ୍ରଧାନ ଉଦ୍ୟୋଗୀ ହେଲେ ରାଧାନାଥ।

'ବିବେକୀ' ଥିଲା ତାଙ୍କର ଓଡିଆ ସାହିତ୍ୟର ପ୍ରଥମ ପ୍ରବନ୍ଧ ରଚନା। ଯେଉଁଥିରେ ସେ ମଣିଷର ଚରିତ୍ର ଓ ପ୍ରବୃତି ବିଷୟରେ ଆଲୋଚନା କରିଛନ୍ତି। ବିବେକର ଯଥାର୍ଥ ପ୍ରୟୋଗ ଦ୍ୱାରା ମଣିଷ ସବୁପ୍ରକାର ଦୁଃଖ, ଯନ୍ତ୍ରଣା, ବାଧା, ଭୟ, ପ୍ରଶଂସା ଓ ନିନ୍ଦାକୁ ସହଜରେ ଅତିକ୍ରମ କରିପାରେ। ରାଧାନାଥଙ୍କର ଏହା ଥିଲା ପ୍ରଜ୍ଞା ଓ ପ୍ରତିଭାର ନିଦର୍ଶନ। ବିଶିଷ୍ଟ କବି ମାୟାଧର ମାନସିଂ ତାଙ୍କର ଓଡିଆ ସାହିତ୍ୟ ଇତିହାସରେ ଲେଖିଛନ୍ତି ସମଗ୍ର ଓଡିଆ ଭାଷାରେ ଦୈନନ୍ଦିନ ଜୀବନର ନୀତି ବିଚାର ନେଇ ଏକମାତ୍ର ପୁସ୍ତକ ଏ ପର୍ଯ୍ୟନ୍ତ "ବିବେକୀ"। ୧୮୭୪ରେ ଏକ ବିଦେଶୀ କଥାବସ୍ତୁ ଅବଲମ୍ବନରେ ପ୍ରଣୟଭିତିକ ଗଳ୍ପ 'ଇତାଲୀୟ ଯୁବା'। ରାଧାନାଥ କବି କାଳିଦାସଙ୍କ କାବ୍ୟ ମେଘଦୂତକୁ ଓଡିଆରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଓଡିଆ ସାହିତ୍ୟରେ ମେଘଦୂତ କାବ୍ୟର ବହୁ ଅନୁବାଦ ହୋଇଥିଲେ ମଧ ରାଧାନାଥଙ୍କ 'ମେଘଦୂତ' ଗୌରବ ଅକ୍ଷୁର୍ଣ୍ଣ ରହିଛି। ରାଧାନାଥଙ୍କ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ ସ୍ପଷ୍ଟ ଯାହା କବିଙ୍କର ସାରସ୍ୱତ ପ୍ରତିଭାର ବୈଶିଷ୍ଟ୍ୟ। ଇଂରେଜି ସାହିତ୍ୟ ଓ ତା' ମାଧ୍ୟମରେ ସମୃଦ୍ଧ ପ୍ରାଚୀନ ଗ୍ରୀକ୍ ଓ ଲାଟିନ ସାହିତ୍ୟରେ ତାଙ୍କର ଗଭୀର ପ୍ରବେଶ ଥିଲା। ପାଶ୍ଚାତ୍ୟ କାବ୍ୟ ବା ନାଟକ ବିଷୟ ଅବଲମ୍ବନରେ ସେ ପାଂଚଟି କାବ୍ୟ ରଚନା କରିଛନ୍ତି, ଯାହାହେଲା 'କେଦାରଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ଉଷା ଓ ପାର୍ବତୀ'। ରାଧାନାଥ ଏହି କାବ୍ୟର ବିଷୟକୁ ଗ୍ରୀସ ଦେଶର କବି ଓଭିଡଙ୍କର ମେଟାମରଫସିସ କାବ୍ୟରୁ ନେଇଛନ୍ତି। କେଦାର ଓ ଗୌରୀ ଦୁଇ କିଶୋର କିଶୋରୀଙ୍କ ପ୍ରଣୟକୁ ଗୁରୁଜନ ମାନଙ୍କ ବିରୋଧ ଓ ବାଧାକୁ ଅତିକ୍ରମଣ ପୂର୍ବକ ଯେଉଁ ଅପୂର୍ବ ସାହସ ଓ ତ୍ୟାଗ ଦେଖାଇଲେ କବି ତାକୁ ଅତି ନିପୁଣ ଭାବେ ଚିତ୍ରଣ କରି ଗୌରୀର ମର୍ମବେଦନାକୁ ନିଜ ଭାଷାରେ ଫୁଟାଇଛନ୍ତି, ଯାହା ହେଲା:-"ମୁଣ୍ଡେ କର ମାରି ବିଧିକି ଧିକ୍କାରି-ଧରାରେ ଲୋଟିଲା ଧନୀ, କାନ୍ତ ତନୁ କୋଳେ ଧରି ଦୁଃଖ ଭୋଳେ-ଚୁମ୍ବ ଦେଲା ଚନ୍ଦ୍ରାନନୀ।" ସେହି ଦୁର୍ଲଭ ପ୍ରେମୀ ଯୁଗଳଙ୍କୁ ଆଜି ସମସ୍ତ ହିନ୍ଦୁ ସମାଜ କେଦାରେଶ୍ୱର ମହାଦେବ ଓ ଗୌରୀଦେବୀ ଭାବେ ପୂଜା କରୁଛନ୍ତି। ତା'ପରେ ରାଧାନାଥଙ୍କ କଲମରୁ ଫୁଟିଉଠିଲା "ଚନ୍ଦ୍ରଭାଗା"। ଏହାର ବିଷୟବସ୍ତୁ ମଧ ସେହି ଓଭିଡଙ୍କର ମେଟାମରଫସିସ୍ କାବ୍ୟ ବର୍ଣ୍ଣିତ 'ଆପୋଲ ଓ ଡାଫନୀ' କାହାଣୀରୁ ଆଣିଛନ୍ତି। ଗ୍ରୀକ ପୁରାଣରେ ସୂର୍ଯ୍ୟ ହେଉଛନ୍ତି ଆପୋଲ ଓ ସୁନ୍ଦରୀ ଡାଫନୀ ହେଉଛନ୍ତି ଜଳଦେବତାଙ୍କ କନ୍ୟା। ସେ ଅନନ୍ୟ ସୁନ୍ଦରୀ ହେଲେ ମଧ ପ୍ରେମ ପ୍ରତି ଉଦାସୀନା ଥିଲେ। ସେ ପ୍ରକୃତିକୁ ଉପଭୋଗ କରି ଆନନ୍ଦ ଅନୁଭବ କରୁଥିଲେ। ଏକଦା ଆପୋଲ ଶିକାର ସମୟରେ ଡାଫନୀଙ୍କୁ ଦେଖି ତାଙ୍କର ରୂପଲାବଣ୍ୟରେ ବିମୋହିତ ହୋଇ ପ୍ରଣୟ ପ୍ରାର୍ଥୀ ହେଲେ। ମାତ୍ର ଡାଫନୀ ତାଙ୍କୁ ଦେଖି ଭୟରେ ଦୌଡୁ ଦୌଡୁ ବୃକ୍ଷ ପାଲଟି ଯାଇଥିଲେ। ଏହି କଥାବସ୍ତୁ ଅବଲମ୍ବନରେ ରାଧାନାଥ ଚନ୍ଦ୍ରଭାଗା ରଚନା କରିଛନ୍ତି। ଏଥିରେ ସୂର୍ଯ୍ୟ କାମଦେବଙ୍କୁ ଭର୍ତ୍ସନା କରିଛନ୍ତ ଯାହାକୁ କବି ଅତି ଚମତ୍କାର ଭାବେ ଲେଖିଛନ୍ତି-"ହର କୋପାନଳେ ଥରେ ତୁ ଜଳିଥିଲୁ ମଦନ, ପୁଣି ଜଳିବାକୁ ଏ ଦେହେ ପରା ବଳିଲା ତୋ ମନ।" ସେହିପରି ଚନ୍ଦ୍ରଭାଗା ସାଗର ଜଳରେ ନିମଗ୍ନ ହେଲାବେଳର ଦୃଶ୍ୟକୁ କବି ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି, ଯାହା ହେଲା- "ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ, ମିଶିଯାଏ ଯଥା ଜୀବାତ୍ମା ବିଶ୍ୱଆତ୍ମା ଚରଣେ।" ସେହିପରି ୧୮୮୭ରେ ସେ ପ୍ରକାଶ କଲେ




'ନନ୍ଦିକେଶ୍ୱରୀ'। ଓଭିଡଙ୍କର ଅଷ୍ଟମ କବିତା "ଦି କିଙ୍ଗ ମିନସ୍ ଆଣ୍ଡ ସିଲା ଓ ବାଇରନଙ୍କ ସିଜ ଅଫ କୋରିନ୍ଥ ଗ୍ରନ୍ଥରୁ କଥାବସ୍ତୁ ଆହରଣରେ" କବି ରାଧାନାଥ ଏହି କାବ୍ୟ ରଚନା କରିଛନ୍ତି। ନନ୍ଦିକେଶ୍ୱରୀ ଇତିହାସର ଚରିତ୍ର ନୁହଁନ୍ତି। କୌଣସି ଐତିହାସିକ ମଧ ଏହି ପ୍ରସଙ୍ଗର ଉଲ୍ଲେଖ କରିନାହାଁନ୍ତି। ମାଦଳା ପାଞ୍ଜିର ଏକ କିମ୍ବଦନ୍ତୀ ଉପରେ ନିର୍ଭର କରି ଓଭିଡଙ୍କ ଗ୍ରନ୍ଥରୁ କଥାବସ୍ତୁ ଆଣି ସେ ଏହି କାବ୍ୟ ରଚନା କରିଛନ୍ତି ଏବଂ ମୂଳ ଗଳ୍ପ ସହିତ ଓଡିଶା ଇତିହାସକୁ ଏପରି ଭାବରେ ମିଶାଇ ଦେଇଛନ୍ତି ଯେ ସିଲାର ସତ୍ତା ହଜିଯାଇଛି। ଗଢା ହୋଇଛି ଓଡିଶା ମାଟିରେ ଏକ ପ୍ରେମାସକ୍ତା ନାରୀର କରୁଣ କାହାଣୀ। ତାଙ୍କର ଏହି କାବ୍ୟ କ୍ରମେ ପରଂପରା ସୃଷ୍ଟି କରିଛି। ସେହିପରି ୧୮୮୮ରେ ତାଙ୍କର ପ୍ରକାଶ ପାଇଲା 'ଉଷା' କାବ୍ୟ। ଏହି କାବ୍ୟର କେନ୍ଦ୍ରସ୍ଥଳୀ ବାଲେଶ୍ୱର ସହର। ବାଲେଶ୍ୱର ନୁର ରାଜାଙ୍କର ଏକମାତ୍ର ଅଲିଅଳୀ କନ୍ୟା ଉଷା ସୁନ୍ଦରୀ, ବୁଦ୍ଧିମତୀ ଓ ଶିକାର ନିପୁଣା। ପଣ କରିଥିଲେ ତାଙ୍କୁ ଯିଏ ଦୌଡରେ ପରାସ୍ତ କରିବ ସେହି ପୁରୁଷକୁ ସେ ପତିଭାବେ ବରଣ କରିବେ। ହେମପୁରର ରାଜକୁମାର ଜୟନ୍ତ କନ୍ଦର୍ପ ଭଳି ସୁନ୍ଦର। ସେ ଉଷାକୁ ପତ୍ନୀ ରୂପେ ପାଇବାକୁ କାର୍ତ୍ତିକେୟଙ୍କର ଶରଣାପନ୍ନ ହେଲେ। କାର୍ତ୍ତିକ ତାଙ୍କୁ ତିନିଟି ସୁନାର ପଦ୍ମ ଦେଲେ ଓ ତା'ର ସାହାଯ୍ୟରେ ଉଷାକୁ ପରାସ୍ତ କରିହେବ ବୋଲି କହିଲେ। ପ୍ରତିଯୋଗିତା ହେଲା। ଉଷା ଜୟନ୍ତଙ୍କଠାରୁ ତୀବ୍ର ବେଗରେ ଧାବମାନ ଥିଲେ, ମାତ୍ର ତିନୋଟି ସ୍ୱର୍ଣ୍ଣକମଳର ଲୋଭ ତାଙ୍କୁ ପରାଜିତ କରିଥିଲା। ମାତ୍ର ଦୁହିଁଙ୍କର ବିବାହବେଦୀରେ ପ୍ରାଣବାୟୁ ଉଡିଗଲା। ଅଭିଶପ୍ତ ଗନ୍ଧର୍ବ ଥିଲେ ଦୁଇଜଣ, ନିଜର ସମୟାନୁକ୍ରମେ ଅଭିଶପ୍ତ ଜୀବନ ବିତାଇବା ପରେ ମୁକ୍ତିଲାଭ କରି ସ୍ୱର୍ଗପୁରକୁ ପ୍ରତ୍ୟାବର୍ତ୍ତନ କଲେ। ସେହିପରି ୧୮୯୦ରେ 'ପାର୍ବତୀ' କାବ୍ୟ ରଚନା କଲେ। ସେହି ଏକାବର୍ଷରେ ତାଙ୍କର 'ଚିଲିକା' କାବ୍ୟ ଓଡିଆ ସାହିତ୍ୟକୁ ଥିଲା ଏକ ମହାନ ଦାନ। ଉତ୍କଳ ପ୍ରାକୃତିକ ଶୋଭାର ଗନ୍ତାଘର। ସେହି ପ୍ରକୃତି ପ୍ରତି ରାଧାନାଥଙ୍କର ଥିଲା ନିବିଡ ଆକର୍ଷଣ। ତାଙ୍କର 'ଚିଲିକା' କାବ୍ୟ ତାଙ୍କୁ ନୂତନ ଯୁଗର ପ୍ରବର୍ତ୍ତକ ଭାବେ ପ୍ରତିପାଦିତ କରିଛି। "ଚିଲିକା" ହେଉଛି ଉତ୍କଳ ବିଳାସର ବିଳାସ ସ୍ଥଳୀ। ଏହାର ତୀରରେ ଥିବା ବିଭିନ୍ନ ଫୁଲ, ଫଳ, ବୃକ୍ଷଲତା, ଗୁଳ୍ମ ଇତ୍ୟାଦିର ଚମତ୍କାର ବର୍ଣ୍ଣନା କରି ଲେଖିଛନ୍ତି-"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।" ଚିଲିକା ବକ୍ଷରେ ଅନେକ ସନ୍ତରଣଶୀଳ ହଂସମାନଙ୍କୁ ଦେଖି ବିମୋହିତ ହେବାସହ ସେ ଲେଖିଛନ୍ତି, "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର।" ଶେଷରେ ଉତ୍କଳ ଭାଷାର ଉନ୍ନତି ଯେ ନିଶ୍ଚୟ ହେବ ସେ ଆଶା ପୋଷଣ କରି ତାଙ୍କ କଲମରୁ ଝଙ୍କୃତ ହୋଇଛି "ପାହିଲାଣି ତୋର ତାମସୀ ରଜନୀ, ଫୁଟିବ ଉତ୍କଳ ଭାଷା କମଳିନୀ।"

ସେହିପରି 'ଦରବାର' ତାଙ୍କର ଏକ ବ୍ୟଙ୍ଗାତ୍ମକ କାବ୍ୟ। ୧୮୯୪ ମସିହା ଅଗଷ୍ଟ ମାସ ୨୯ ତାରିଖରେ କଟକର ବାରବାଟୀ ଦୁର୍ଗ ପ୍ରାଙ୍ଗଣରେ ଗୋଟିଏ ଦରବାର ଅନୁଷ୍ଠିତ ହୋଇଥିଲା। ଏହି ଦରବାରରେ ଜମିଦାର ଗୋବିନ୍ଦବଲ୍ଲଭ ରାୟଙ୍କୁ ରାୟବାହାଦୁର ଏବଂ ସାମନ୍ତ ଚନ୍ଦ୍ରଶେଖରଙ୍କୁ ମହାମହୋପାଧ୍ୟାୟ ଉପାଧି ଦେବାର ବ୍ୟବସ୍ଥା ହୋଇଥିଲା। କାଉପୁର ଜମିଦାର ଗୋବିନ୍ଦବଲ୍ଲଭ ରାଧାନାଥଙ୍କ ଭଗିନୀପତି ଥିଲେ। ତାଙ୍କୁ ଉପହାସ କରିବା ପାଇଁ ସେ ଏହା ରଚନା କରିଥିଲେ ବୋଲି କେହି କେହି ମତ ଦେଇଥାନ୍ତି। ଏଥିରେ କବି ସେ କାଳର ରାଜା, ଜମିଦାର ଓ କ୍ଷମତାଭୋଗୀ ଶ୍ରେଣୀକୁ କଟୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ ରାଜା, ଜମିଦାର, ଧନୀମାନଙ୍କ ଅନୀତି ଓ ଅତ୍ୟାଚାରର ପ୍ରଦର୍ଶନ କ୍ଷେତ୍ରରେ ପରିଣତ ହୋଇଛି। ତେଣୁ ସେମାନଙ୍କୁ ତିରସ୍କାର କରି ସେ ଲେଖିଛନ୍ତି, 'ଆହେ ମାନଶୌଣ୍ଡ ଭୂପାଳ ମଣ୍ଡଳୀ, ଦେଇଛ କି କୁଳ ଧର୍ମେ ଜଳାଞ୍ଜଳି।' ସେମାନଙ୍କର ବଡପଣକୁ ସମାଲୋଚନା କରି ସେ ଲେଖିଛନ୍ତି 'ଧର୍ମ ଏକା ସିନା ମହତ ପଣିଆ-ଆଉ ବଡ ପଣ ଅଢେଇ ଦିନିଆ' ଏବଂ 'ବଡ ପଣ ସେହି, ଅନ୍ତେ ସୁଦ୍ଧା ଯାର, ସୌରଭେ ଚହଟୁଥାଏ ଏ ସଂସାର।' ତାଙ୍କର ଏହି ମହନୀୟ ସାହିତ୍ୟକୃତିକୁ ଦେଖି ବ୍ୟାସକବି ଫକୀରମୋହନ କହିଥିଲେ ରାଧାନାଥଙ୍କ ଭଳି ସମକକ୍ଷ କବି ଓଡିଆ ସାହିତ୍ୟରେ ଦୁର୍ଲ୍ଲଭ। ସେ ତାଙ୍କର ଉତ୍କଳ ଭ୍ରମଣ କବିତାରେ ରାଧାନାଥ ଓ ତାଙ୍କର କାବ୍ୟଗୁଡିକୁ ଅମରତ୍ୱ ପ୍ରଦାନ କରି ଲେଖିଛନ୍ତି, "ଧନ୍ୟ ରାଧାନାଥ, ତୁମ୍ଭ ଜନମ ସଫଳ-ବ୍ୟାପି ରହିଅଛି କୀର୍ତ୍ତି ଓଡିଶା ମଣ୍ଡଳ, କେତେତ ଅଛନ୍ତି ରାଜା କେତେ ଧନବନ୍ତ- କେଉଁ ଲୋକ ଅଛନ୍ତି ତୁମ ପରି କୀର୍ତ୍ତିମନ୍ତ?"

*-ଫମକାର, ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦*

# ସମାଧାନ

**ଅନୀତା ପଟ୍ଟନାୟକ**



ପ୍ରଜ୍ଞାନ ଏକ ଆଧୁନିକ ଯୁଗର ପୁଅଟିଏ ଥିଲା। ସେ କିନ୍ତୁ ଖୁବ କୌତୁହଳପରାୟଣ। ସବୁ କଥାକୁ କେବଳ ଯୁକ୍ତି ଓ ଧୀଶକ୍ତି ମାଧ୍ୟମରେ ବୁଝିବାକୁ ଚେଷ୍ଟା କରୁଥିଲା। ତେଣୁ ତାକୁ ଆଧ୍ୟାତ୍ମିକତା ପୁରାଣ କଥା ଏତେ ଭଲ ଲାଗୁ ନ ଥିଲା ଓ ଭାବୁଥିଲା କୌଣସି କାରଣ ନଥାଇ ଏଗୁଡ଼ିକ ଜନସମାଜ ଉପରେ ଲଦି ଦିଆଯାଇଛି ଓ ଏହା ବିଜ୍ଞାନସମ୍ମତ ନୁହେଁ।

ଘରେ ବାରଣ ସତ୍ତ୍ୱେ ତା'ର ବାପାଙ୍କର ଶବଦାହ ସମୟରେ ସେ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲା। ଭାଇ ତା'ର ମୁଖାଗ୍ନି ଦେବା ପୂର୍ବରୁ ଦେଖିଲା ତା'ର ବାପାଙ୍କୁ ଯୁଇରେ ଚାରିପଟେ ବୁଲାଇ ଆଣୁଥିବା ସମୟରେ କର୍ମ କରୁଥିବା ବ୍ରାହ୍ମଣ ଜଣକ କହି ଉଠିଲେ, "ହେ ଦଶଦିଗପାଳ! ହେ ଭଗବାନ, ଆମେ ଜାଣୁନା ଏ ଶରୀର ମଧ୍ୟରେ ଆତ୍ମା ଅଛି କି ନାହିଁ, କିନ୍ତୁ ଆତ୍ମା ନାହିଁ ବୋଲି ବିଶ୍ୱାସ କରି ଏ ଶବଦାହ କରୁଅଛୁ। ଏ ଶବରେ ଆତ୍ମା ଥିଲେ ଆମକୁ କ୍ଷମା କରିବ।"

ପ୍ରଜ୍ଞାନକୁ ଏପରି ଉକ୍ତି ଏକ ମୂଢ଼ର ଉକ୍ତି ପରି ଲାଗିଥିଲା, କାରଣ ସେ ତା'ର ପିତାଙ୍କୁ ଡାକ୍ତରଖାନାରୁ ତା'ର ଭାଇ ସହିତ ଶବଟିକୁ ଆଣିବା ସମୟରେ ଡାକ୍ତର ମୃତ ବୋଲି ଏକ ଘୋଷଣାପତ୍ର ଦେଇଥିଲେ। ଦିନେ ସେ ରାସ୍ତାରେ ଯାଉଥିବା ସମୟରେ ଦେଖିଲା ଜଣେ ଗୁରୁ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷାଶ୍ରମରେ ଗୋଟିଏ ଶ୍ଳୋକର ଅର୍ଥ ଏପରି ଭାବେ ବୁଝାଉଥିଲେ। କୌତୂହଳ ହେତୁ ପ୍ରଜ୍ଞାନ କାନ ଡେରିଲା ଗୁରୁ ଯେଉଁ ଶ୍ଳୋକ ଶିଷ୍ୟମାନଙ୍କୁ ବୁଝାଉଥିଲେ, ତାହା ଏହିପରି ଥିଲା।

'କର ଚରଣ କୃତଂ ବାକ୍ କାୟଜଂ କର୍ମଜଂବା, ଶ୍ରବଣ ନୟନଜଂବା ମାନସଂ ଅପରାଧମ୍ ବିହିତମ୍। ଅବିହିତଂ ବା ସର୍ବଂ ଏତତ୍ କ୍ଷମସ୍ୱ, ଜୟ ଜୟ କରୁଣବ୍ଧେ' ଶ୍ରୀମହାଦେବ ଶମ୍ଭୁ। ଏହି ଶ୍ଳୋକଟିକୁ ବୁଝାଇବାକୁ ଯାଇ ଗୁରୁ କହିଲେ ଆମ୍ଭର ହାତ, ପାଦ, ବାକ୍ୟ, ଶରୀର, କର୍ମ, ଶ୍ରବଣ, ନୟନ, ଚିନ୍ତାରେ ଆମ୍ଭେ ଜାଣତରେ ହେଉ ବା ଅଜାଣତରେ ହେଉ ଯେଉଁସବୁ ଭୁଲ କାମ କରୁଅଛୁ ସେଥିନିମନ୍ତେ ମହାଦେବ (ଭଗବାନ)ଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ଉଚିତ। ଏପରି କ୍ଷମା ପ୍ରାର୍ଥନା ଆମେ ସର୍ବଦା ରାତିରେ ଶୋଇବା ବେଳେ କରିବା ଉଚିତ।

ପ୍ରଜ୍ଞାନ କେତେକ ଧର୍ମାବଲମ୍ବୀ ଲୋକମାନେ ମୁହଁ ଓ ନାକକୁ ଘୋଡ଼ାଇ କପଡ଼ା ବାନ୍ଧିଥିବାର ଦେଖିଥିଲା। ସେମାନେ କାହିଁକି ଏପରି କରୁଛନ୍ତି ପଚାରିବାରୁ କୀଟପତଙ୍ଗ, ଜୀବାଣୁକୁ ସେମାନେ ଯେପରି ନିଃଶ୍ୱାସ ଓ ପାଟି ବାଟେ ମାରି ନ ଦିଅନ୍ତି, ସେଥିପାଇଁ ମୁଖା ପିନ୍ଧୁଛନ୍ତି ବୋଲି କହିଥିଲେ।

ପ୍ରଜ୍ଞାନ ଧୀରେ ଧୀରେ ତା'ର ପିତାଙ୍କ ମୃତ୍ୟୁପରେ ଭଗବାନଙ୍କର ଅସ୍ତିତ୍ୱ ବିଷୟରେ ଅନୁସନ୍ଧାନ କରିବାକୁ ଆରମ୍ଭ କଲା। ଏହାର କାରଣ ହେଉଛି ବାପାଙ୍କର ଚରମପତ୍ର ଅନୁଯାୟୀ ସେ ଏକ ବିଶାଳ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇପାରି-ଥିଲା ଓ ବିପୁଳ ଧନର ଅଧିକାରୀ ହୋଇ ପୃଥିବୀର ସମସ୍ତ ବଡ଼ ବଡ଼ ଦେଶ ବୁଲି ଆସିଥିଲା। ହେଲେ ତା'ର ମନରେ ସବୁବେଳେ ପ୍ରଶ୍ନ ଆସେ, ମୋ' ପରେ ଏ ସମ୍ପତ୍ତିର ଭବିଷ୍ୟତ କ'ଣ ହେବ? ଆଉ ଦିନେ ପ୍ରଜ୍ଞାନ ସେହି ଆଶ୍ରମ ନିକଟରେ ଯାଉଥିବା ସମୟରେ କୌତୁହଳବଶତଃ ଉକ୍ତ ଗୁରୁଙ୍କ ଆଶ୍ରମକୁ ଯାଇ ପଚାରିଥିଲା ଗୁରୁଦେବ! "ଭଗବାନଙ୍କ ସଂଜ୍ଞା କ'ଣ?" ଗୁରୁଦେବ ତତ୍‌କ୍ଷଣାତ ଉତ୍ତର ଦେଇଥିଲେ ଯେ ସର୍ବତ୍ର ବିଦ୍ୟମାନ, ସର୍ବଶକ୍ତିମାନ ଓ ସର୍ବଜ୍ଞ ସେ ହିଁ ଭଗବାନ। ପ୍ରଜ୍ଞାନକୁ ଏହି ଉକ୍ତିଟି ଏତେ ଭଲ ଲାଗି ନ ଥିଲା। ସେ ଏହାର କାରଣ ବୁଝିବାକୁ ଚାହିଁବାରୁ, ଗୁରୁ କହିଲେ, 'ସ୍ରଷ୍ଟା ବିନା ସୃଷ୍ଟି ହୋଇପାରେ କି?' ଏହା ଅସମ୍ଭବ। ବଢ଼େଇଟିଏ ନଥିଲେ ଚେୟାରଟିଏ ତିଆରି ହେବା ଅସମ୍ଭବ। ତେଣୁ ଭଗବାନ ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ସେ ହିଁ ସଂହାରକର୍ତ୍ତା ଅଟନ୍ତି। ଭଗବାନ ମଣିଷର ଦେହରେ କେଉଁଠାରେ ଅବସ୍ଥିତ ପଚାରିବାରୁ ଗୁରୁ କହିଥିଲେ ସେ ଯେହେତୁ ସର୍ବତ୍ର ବିଦ୍ୟମାନ, ତେଣୁ ଶରୀରର ପ୍ରତ୍ୟେକ ଅଂଶରେ ସେ ବିଦ୍ୟମାନ। ପ୍ରଜ୍ଞାନ ସେହିଦିନ ବୁଝିପାରିଥିଲା ମୃତ ଶରୀର ମଧ୍ୟରେ ମଧ ଭଗବାନଙ୍କର ଉପସ୍ଥିତିର ସମ୍ଭାବନାକୁ ଚିନ୍ତା କରି ପିତାଙ୍କର ଶବଦାହ ସମୟରେ ସେ ବ୍ରାହ୍ମଣ କାହିଁକି କ୍ଷମାପ୍ରାର୍ଥନା କରିଥିଲା। ତା' ମନରେ ପ୍ରଶ୍ନ ଉଠିଲା ଯଦି ଭଗବାନ ସର୍ବତ୍ର ବିଦ୍ୟମାନ, ମନୁଷ୍ୟ ଯେଉଁଠାରେ ମଳ, ମୂତ୍ର ତ୍ୟାଗ କରେ, ସେଠାରେ ମଧ ଭଗବାନ ଥାଇପାରନ୍ତି। ତେଣୁ ପ୍ରଜ୍ଞାନ ସେଦିନ ବୁଝିପାରିଥିଲା ଗୁରୁଦେବ ଶିଷ୍ୟମାନଙ୍କୁ ସବୁଦିନ ରାତିରେ ଶୋଇବା ପୂର୍ବରୁ କାହିଁକି କ୍ଷମାପ୍ରାର୍ଥନା ଶିକ୍ଷା ଦେଉଥିଲେ। ହେଲେ ଏ ଧନକୁ ଧରି ଭଗବାନଙ୍କ ନିକଟକୁ ଯାଇହେବ କି ବୋଲି ପ୍ରଶ୍ନ କରିବାରେ, ଗୁରୁ ହିଁ କହିଲେ କିନ୍ତୁ ତା'ର ଏକ ଉପାୟ ଅଛି। ଉପାୟଟି କ'ଣ ବୋଲି ପଚାରିବାରୁ ଗୁରୁଦେବ କହିଥିଲେ, "ତୁମେ ଯେଉଁ ସାରା ପୃଥିବୀ ବୁଲି ଆସିଲ ଆମ ଦେଶର ପଇସା ସେ ସବୁ ଦେଶରେ ଚଳୁ ନ ଥିବାରୁ, ତୁମେ ସେ ଦେଶର ଧନରେ, ପରିବର୍ତ୍ତନ କରାଇ ବୁଲି ଆସିଲ। ଯେପରି ଆମ ଟଙ୍କାକୁ, ଆମେରିକାରେ ଡଲାର, ରୁଷିଆରେ ରୁବେଲ, ଜାପାନରେ ୟେନରେ ଇତ୍ୟାଦି ଇତ୍ୟାଦି। ସେହିପରି ଭଗବାନଙ୍କ ନିକଟରେ ଆମ ପାଖରେ ଥିବା ଗଚ୍ଛିତ ଧନ ଚଳେନାହିଁ। ଏହାକୁ ତୁମେ ଯଦି ଧର୍ମ ଧନରେ ପରିଣତ କରିପାରିବ ଓ ଜନମାନସର ସେବାରେ ଲଗାଇପାରିବ, ତେବେ ଉକ୍ତ ଧର୍ମରୂପୀ ଧନକୁ ଧରି ଭଗବାନଙ୍କ ନିକଟକୁ ଯାଇପାରିବ।"

ସେହିଦିନଠାରୁ ପ୍ରଜ୍ଞାନର ଏକ ପରିବର୍ତ୍ତନ ଆସିଲା। ଭଗବାନଙ୍କର ଅସ୍ତିତ୍ୱକୁ ସେ ବିଶ୍ୱାସ କଲା ଓ ସମସ୍ତଙ୍କୁ କହିଲା-There can not be a creation without a creater ଓ ତା' ନିକଟରେ ଥିବା ସମ୍ପତ୍ତିକୁ ସେବାକାର୍ଯ୍ୟରେ ସବୁ ଉପଯୋଗ କଲା।

*-ଅବସରପ୍ରାପ୍ତ ପ୍ରାଧାପିକା, ସଂସ୍କୃତ ବିଭାଗ, ସିଡିଏ, କଟକ, ଦୂରଭାଷ: ୯୮୬୧୧୧୮୬୭୩*




# ମାଛ ଖାଇଦେଲା ବିଲୁଆ


ଡ. ଗଣେଶ ଚନ୍ଦ୍ର କୁଣ୍ଡ

ସାଧାରଣତଃ ଆମ୍ଭେମାନେ ଅନ୍ୟମାନଙ୍କ ମୁହଁରୁ ନିଜର ପ୍ରଶଂସା ଶୁଣିବାକୁ ଭଲ ପାଇଥାଉ । ସମାଜରେ କିଛି ଲୋକ ଅଛନ୍ତି ସେମାନେ ଅନ୍ୟର ପ୍ରଶଂସା କରି ନିଜର ସ୍ୱାର୍ଥ ସାଧନ କରୁଥିବା ବେଳେ ଆଉ କିଛି ଲୋକ ଅନ୍ୟକୁ ଅତ୍ୟଧିକ ପ୍ରଶଂସା କରି ସେମାନଙ୍କୁ ଅସୁବିଧାରେ ପକାଇଥାନ୍ତି । ପ୍ରଶଂସା ଶୁଣିବା ବେଳେ ଅତ୍ୟଧିକ ଖୁସି ନହୋଇ, ଟିକେ ଚିନ୍ତା କରିବା ଆବଶ୍ୟକ ଯେ ପ୍ରଶଂସାରେ କିଛି ସତ୍ୟାସତ୍ୟ ଅଛି ନା କେବଳ ପବନ ।

ଗଛ ଡାଳରେ ଗୋଟିଏ କାଉ ଥଂଟରେ ମାଛ ଧରି ବସିଥିବାର ବିଲୁଆ ଦେଖିଲା । ବିଲୁଆର ବହୁତ ଲୋଭ ହେଲା କେମିତି ସେ ମାଛ ଖାଇବ । ବିଲୁଆ ବଡ଼ ଚତୁର, ସେ କାଉ ଥଂଟରୁ ମାଛ ଆଣି ଖାଇବ ବୋଲି ଏକ ଉପାୟ ପାଂଚିଲା । ସେ କାଉକୁ କହିଲା କଳା ରଙ୍ଗକୁ ଅନେକ ନାପସନ୍ଦ କରିଥାନ୍ତି କିନ୍ତୁ କାଉ ଭାଇ ତୁମକୁ କଳା ରଙ୍ଗ ଖୁବ ମାନୁଛି । ସୂର୍ଯ୍ୟ କିରଣରେ ତୁମର କଳା ଦେହଟା କେତେ ସୁନ୍ଦର ଦେଖାଯାଉଛି, ତମ ପରି ସୁନ୍ଦର ଚେହେରା ମୁଁ କେଉଁଠି ଦେଖିନି । କି ରୂପ ତୁମର, 'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ' । ତୁମର ଥଂଟକୁ କ'ଣ ବର୍ଣ୍ଣନା କରିବି ? ଏମିତିକା ଲମ୍ବା, ଚିକଣ ଓ ମୁନିଆ ଥଂଟ ମୁଁ କେଉଁଠି ଦେଖିନି । ସବୁଠାରୁ ସୁନ୍ଦର ତୁମର ଆଖି ଯାହାକୁ ମୁଁ ଭାଷାରେ ପରିପ୍ରକାଶ କରିପାରୁନି । ଭଗବାନଙ୍କ ଲୀଳା ବଡ ବିଚିତ୍ର, ତମକୁ ଏତେ ସୁନ୍ଦର



ରୂପ ଦେଲେ କିନ୍ତୁ ଦୁଃଖର କଥା ତୁମେ କଥା କହି ପାରୁ ନାହଁ । ଯଦି କଥା କହିପାରୁ ଥାନ୍ତ ତା'ହେଲେ ପକ୍ଷୀ ମାନଙ୍କ ରାଜା ତୁମେ ହିଁ ହୋଇଥାନ୍ତ । ବିଲୁଆ ପାଟିରୁ ପ୍ରଶଂସା ଶୁଣି କାଉ ଫୁଲି ଫୁଲି ପେଣ୍ଡୁ ପରି ହୋଇଗଲା ଓ ଭାବିଲା ବିଲୁଆଟା ବୋକା ସେ ଜାଣିନି ଯେ ମୁଁ କଥା କହିପାରେ ବୋଲି । ଯଦି ମୁଁ ତାକୁ ମୋର ସୁନ୍ଦର ସ୍ୱରରେ କିଛି ଶୁଣେଇଦେବି ସେ ଆଶ୍ଚର୍ଯ୍ୟ ହୋଇଯିବ । ତା'ପରେ କାଉ ଆରମ୍ଭ କରିଦେଲା ତାର କାକା କାକା ରାବ । କାଉ ଯେତେବେଳେ ଥଂଟ ଖୋଲି କା ରାବ ଦେଇଛି ତା'ର ମାଛଟା ଗଛ ତଳକୁ ଖସି ପଡିଲା । ବିଲୁଆ ତ ସେହି ସୁଯୋଗରେ ଥିଲା ତେଣୁ ସେ ସଂଗେ ସଂଗେ ମାଛକୁ ଖାଇଦେଲା । ବିଲୁଆ ମାଛ ଖାଇ ସାରି ହସି ହସି କହିଲା ମୁଁ ଜାଣେ ଖୁବ ସୁନ୍ଦର ଭାବେ ତୁମେ କଥା କହିପାର । କିନ୍ତୁ ତୁମ ପାଖରେ ବୁଦ୍ଧିର ଅଭାବ ଅଛି । କାଉ କହିଲା ଯଦି ମୋର ଟିକେ ବି ବୁଦ୍ଧି ଥାଆନ୍ତା ତା ହେଲେ ତୁମ ପ୍ରଶଂସାରେ ମୁଁ ଏତେ ଖୁସି ହୋଇନଥାନ୍ତି କି ତମେ ମୋ ମାଛ ଖାଇ ପାରି ନଥାନ୍ତ ।

*ପଟାମୁଣ୍ଡାଇ, କେନ୍ଦ୍ରାପଡା*

*ମୋ : ୯୯୩୮୦୬୦୮୮୬*

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ ଏଡ଼ିଇଓ ମାନଙ୍କ ଦୁଇଦିନିଆ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, (ପି.ଏନ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓ ଓସେପାର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଦୁଇଦିନିଆ ସମ୍ମିଳନୀ ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ୨୦୨୨ ମସିହା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ସମ୍ବର୍ଦ୍ଧନାର ଉତରରେ କୃତୀ ଛାତ୍ରଛାତ୍ରୀମାନେ ସେମାନଙ୍କ ସଫଳତାର କାହାଣୀ ବର୍ଣ୍ଣନା କରିବା ସହ ଆଗାମୀ ଜୀବନର ଲକ୍ଷ୍ୟ ଓ ଶିକ୍ଷାର ମାନବୃଦ୍ଧି ନେଇ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ବିଦ୍ୟାଳୟର ଅଧକ୍ଷ ଏବଂ ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଧ୍ୟାନ ଦେବାପାଇଁ ପରାମର୍ଶ ଦେବା ସହ ଆଗାମୀ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ୨୦୨୨ ମସିହା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ରାଜ୍ୟରେ ଥିବା ବିଭିନ୍ନ ବର୍ଗର ବିଦ୍ୟାଳୟମାନଙ୍କର ପ୍ରଦର୍ଶନ ଉପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ରଘୁରାମ ଆୟାର ଅଲୋକପାତ କରିଥିଲେ । ଏହାପରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ଡିଗ୍ରୀ କଲେଜ ବା ବିଶ୍ୱବିଦ୍ୟାଳୟରୁ ପୃଥକୀକରଣ, ଅତିଥି ଶିକ୍ଷକ ନିୟୋଜିତ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୈକ୍ଷିକ ତଦାରଖ ବ୍ୟବସ୍ଥା, ଧନ୍ଦାମୂଳକ ଶିକ୍ଷାର ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ପ୍ରକାର ଇ-ଶିକ୍ଷଣ ଓ ଇ-ମୂଲ୍ୟାୟନ ସମ୍ବନ୍ଧରେ ଏସ୍‌ସିଇଆରଟି ତରଫରୁ ତାଲିମ ଦିଆଯାଇଥିବାବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ୫୫୦ରୁ ଊର୍ଦ୍ଧ୍ୱ କ୍ୟାରିଅର ଓ ୧୨୦୦ରୁ ଊର୍ଦ୍ଧ୍ୱ ବୃତି ସମ୍ବଳିତ ଓଡ଼ିଶା କ୍ୟାରିଅର ପୋର୍ଟାଲ ଉପରେ ୟୁନିସେଫ୍ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ପରିଶେଷରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶିକା ଡ. ବିଜୟା ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଯୁକ୍ତ-୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ଶୀର୍ଷସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷ ଅଶ୍ୱିନୀ କୁମାର ମିଶ୍ର, ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଅଧକ୍ଷ, ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ, ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ୧୦ଟି ୟୁଟ୍ୟୁବ୍ ଚାନେଲରେ ପ୍ରସାରିତ ୪୫ଟି ଭିଡିଓ ବ୍ଲକ୍

ନୂଆଦିଲ୍ଲୀ, (ପି.ଏନ): ଗୁଇନ୍ଦା ଏଜେନ୍ସିମାନଙ୍କ ଠାରୁ ମିଳିଥିବା ସୂଚନାକୁ ଆଧାର କରି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ୧୦ଟି ୟୁଟ୍ୟୁବ ଚାନେଲରେ ପ୍ରସାରିତ ୪୫ଟି ଭିଡିଓକୁ ବନ୍ଦ ବା ବ୍ଲକ୍ କରିବା ଲାଗି ନିର୍ଦ୍ଦେଶ ଦେଇଛି । ୨୩ ତାରିଖରେ ଏସବୁ ଭିଡିଓକୁ ବ୍ଲକ୍ ?କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଆଦେଶ ଦିଆଯାଇଥିଲା । ସୂଚନା ପ୍ରଯୁକ୍ତି (ମଧ୍ୟସ୍ଥତା ମାର୍ଗଦର୍ଶିକା ଏବଂ ଡିଜିଟାଲ ଗଣମାଧ୍ୟମ ଆଚରଣ ସଂହିତା) ନିୟମାବଳୀ ୨୦୨୧ରେ ଥିବା ବ୍ୟବସ୍ଥା ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବ୍ଲକ୍ ହୋଇଥିବା ଭିଡିଓଗୁଡ଼ିକୁ ପ୍ରାୟ ୧ କୋଟି ୩୦ ଲକ୍ଷରୁ ଅଧିକ ଦର୍ଶକ ଦେଖିଥିଲେ । ବିଭିନ୍ନ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବାର ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ ଭିଡିଓରେ ମିଥ୍ୟା ଖବର ଏବଂ ଜାଣିଶୁଣି ବଦଳା ଯାଇଥିବା ଭିଡିଓ ପ୍ରସାରିତ କରାଯାଉଥିଲା । ଏଥିରେ କେତେକ ମିଥ୍ୟା ଦାବି କରାଯାଇଥିଲା, ଯଥା : ସରକାର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟମାନଙ୍କର ଧାର୍ମିକ ଅଧିକାର ପ୍ରତ୍ୟାହାର କରି ନେଇଛନ୍ତି, ଧାର୍ମିକ ସମୁଦାୟ ବିରୋଧରେ ହିଂସାତ୍ମକ ଧମକ ଦିଆଯାଇଛି, ଭାରତରେ ଗୃହଯୁଦ୍ଧ ଘୋଷଣା କରାଯାଇଛି ଆଦି । ଏସବୁ ଭିଡ଼ିଓ ଦେଶରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ନଷ୍ଟ କରିବା ସହିତ ସାର୍ବଜନୀନ ବ୍ୟବସ୍ଥାକୁ କ୍ଷତିଗ୍ରସ୍ତ କରିବାର ଆଶଙ୍କା ରହିଥିଲା । ସେହିପରି ଅଗ୍ନିପଥ ଯୋଜନା, ଭାରତୀୟ ସେନାବାହିନୀ, ଭାରତୀୟ ଜାତୀୟ ସୁରକ୍ଷା ବ୍ୟବସ୍ଥା, କାଶ୍ମୀର ଆଦି ପ୍ରସଙ୍ଗରେ ଦୁଷ୍ପ୍ରଚାର କରୁଥିବା କେତେକ ଭିଡ଼ିଓକୁ ମଧ୍ୟ ମନ୍ତ୍ରଣାଳୟ ପକ୍ଷରୁ ବ୍ଲକ୍ କରାଯାଇଛି । ଏସବୁ ଭିଡିଓରେ ପ୍ରସାରିତ ବିଷୟବସ୍ତୁ ସମ୍ପୂର୍ଣ୍ଣ ମିଥ୍ୟା ହୋଇଥିବା ବେଳେ ଏହା ଭାରତର ଜାତୀୟ ସୁରକ୍ଷା ଏବଂ ବିଦେଶୀ ରାଷ୍ଟ୍ର ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ କ୍ଷତିଗ୍ରସ୍ତ କରିବାର ଆଶଙ୍କା ରହିଥିବା ହୃଦବୋଧ ହୋଇଥିଲା । କେତେକ ଭିଡିଓରେ ଭାରତର ବାହ୍ୟ ସୀମାକୁ ତ୍ରୁଟିପୂର୍ଣ୍ଣ ଭାବେ ଦର୍ଶାଯାଇଥିଲା ଏବଂ ଜମ୍ମୁ ଓ କଶ୍ମୀର ଏବଂ ଲଦାଖକୁ ଭାରତୀୟ ଭୂଖଣ୍ଡ ଠାରୁ ବାହାରେ ବୋଲି ଉଲ୍ଲେଖ କରାଯାଇଥିଲା । ଭାରତୀୟ ମାନଚିତ୍ରର ଏଭଳି ତ୍ରୁଟିପୂର୍ଣ୍ଣ ପ୍ରଦର୍ଶନ ଦେଶର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପାଇଁ କ୍ଷତିକାରକ ଥିଲା । ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ସବୁ ୟୁଟ୍ୟୁବ ଚାନେଲର ବିଷୟବସ୍ତୁକୁ ବନ୍ଦ କରାଯାଇଛି ସେସବୁ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା, ଦେଶର ସୁରକ୍ଷା, ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତି କ୍ଷତିକାରକ ଥିଲା । ଏହା ଦ୍ୱାରା ଦେଶରେ ସାର୍ବଜନୀନ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ନଷ୍ଟ ହେବାର ଆଶଙ୍କା ରହିଥିଲା । ତଦନୁଯାୟୀ, ଏସବୁ ବିଷୟବସ୍ତୁ ସୂଚନା ପ୍ରଯୁକ୍ତି ଆଇନ, ୨୦୦୮ ଧାରା ୬୯ ଏ ପରିଧି ମଧ୍ୟରେ ଆସୁଥିଲା । ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା, ରାଷ୍ଟ୍ରୀୟ ସୁରକ୍ଷା, ବୈଦେଶିକ ସମ୍ପର୍କ ଏବଂ ସାର୍ବଜନୀନ ବ୍ୟବସ୍ଥାକୁ ନଷ୍ଟ କରିବା ଲାଗି ହେଉଥିବା ଉଦ୍ୟମକୁ ପଣ୍ଡ କରିବା ନିମନ୍ତେ ଭାରତ ସରକାର ସଂକଳ୍ପବଦ୍ଧ ।

## ୪୦ଟି ସ୍କୁଲରେ ଖୋଲିବ ଏକାଦଶ ଶ୍ରେଣୀ

ଭୁବନେଶ୍ୱର,(ପି.ଏନ): ଆସନ୍ତା ଶିକ୍ଷାବର୍ଷରୁ ୪୦ଟି ସ୍କୁଲରେ ହାଇସ୍କୁଲରେ ଏକାଦଶ ପାଠପଢା ଆରମ୍ଭ ହେବ । ୨୦୨୩-୨୪ ଶିକ୍ଷାବର୍ଷରୁ ୪୦ଟି ଉଚ୍ଚ ବିଦ୍ୟାଳୟରେ ଏକାଦଶ ଖୋଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏ ନେଇ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଚାଲିଛି । ଏକାଦଶ ଶ୍ରେଣୀ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତ ହେବେ ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

# ଏନସାଇକ୍ଲୋପିଡିଆ ଅଫ ଟ୍ରାଇବସ୍ ଇନ୍ ଓଡିଶା ର ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନ 'ଏନସାଇକ୍ଲୋପିଡିଆ ଅଫ ଟ୍ରାଇବସ୍ ଇନ୍ ଓଡିଶା ବହିର ୫ଟି ଖଣ୍ଡକୁ ଉନ୍ମୋଚନ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଏସସିଏସଟିଆରଟିଆଇ ଠାରେ ମୁଖ୍ୟମନ୍ତ୍ରୀ ଏହି ବହିର ଉନ୍ମୋଚନ କରିଥିଲେ । ପ୍ରଥମ ରାଜ୍ୟ ଭାବେ ଓଡିଶା ଆଦିବାସୀଙ୍କୁ ନେଇ ଏନସାଇକ୍ଲୋପିଡିଆ ରିଲିଜ କରିଛି । ୩୮୦୦ ପୃଷ୍ଠା ସମ୍ବଳିତ ୫ଟି ବହିରେ ୪୧୮ ଗବେଷଣାତ୍ମକ ସ୍ତମ୍ଭ ପ୍ରକାଶିତ ହୋଇଛି । ଯେଉଁଥିରେ ୬୨ ଜନଜାତି ଓ ୧୩ ଭଲନରେବଲ୍ ଜନଜାତିଙ୍କ ସମ୍ବନ୍ଧୀୟ ସ୍ତମ୍ଭ ଉଲ୍ଲେଖ ରହିଛି । ଆଦିବାସୀଙ୍କ ସମ୍ପର୍କରେ ଜାଣିବାକୁ ଇଚ୍ଛୁକ, ଗବେଷକ ଓ ଶିକ୍ଷାବିତ୍ ଙ୍କ ପାଇଁ ଏହା ସହାୟକ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଏନସାଇକ୍ଲୋପିଡିଆରେ ପ୍ରକାଶିତ ୪୧୮ ସ୍ତମ୍ଭ ପୂର୍ବରୁ ଆଦିବାସୀ ପତ୍ରିକା ଓ ଅନ୍ୟାନ୍ୟ ମାଗାଜିନରେ ପ୍ରକାଶିତ ହୋଇଥିଲା । ରାଜ୍ୟ ଜାତି ଓ ଜନଜାତି ସଂଗ୍ରହାଳୟ ପରିଦର୍ଶନ କରି ଆଜି ବହି ଗୁଡିକ ଉନ୍ମୋଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ


ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଝଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଠକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ । ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।




# ପୌରପାଳିକାର ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲା ନଗର ବିଜେପି

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ପୌର ପରିଷଦ କାର୍ଯ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଏବଂ ସ୍ଥାଣୁତା ସମ୍ପର୍କରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି କାଉନସିଲର ଓ ନଗରର ବିଜେପିର ପ୍ରମୁଖ କାର୍ଯ୍ୟକର୍ତ୍ତା। ମାନ୍ୟବର ଜିଲ୍ଲାପାଳ ମହୋଦୟଙ୍କୁ ଭେଟିଛନ୍ତି। ଏହି ଅବସରରେ ସମସ୍ତେ ଜିଲ୍ଲାପାଳଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ପୌର ପରିଷଦ ଏକ ପୁରୁଣା ତଥା ୧୪୬ ବର୍ଷର ହୋଇଥିଲେ ମଧ୍ୟ ବିଭିନ୍ନ ସମସ୍ୟାବହୁଳ ମଧ୍ୟରେ ଗତି କରୁଛି। ବାଲେଶ୍ୱର ପୌର ପରିଷଦରେ ବିଗତ ଚାରି ବର୍ଷରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବାରୁ ସହରାଞ୍ଚଳ ଅଧିବାସୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌର ପରିଷଦରେ ଲେବର ସଂଖ୍ୟାକୁ ବୃଦ୍ଧି କରି ନୂଆ ସାନିଟେସନ ଟେଣ୍ଡର ଆହ୍ୱାନ କରିବା ପାଇଁ ରିଜୋଲ୍ୟୁସନ ପାସ କରିଥିବା ବେଳେ ଏହାକୁ ଅବଜ୍ଞା କରି ଏହାର ଠିକାଦାରର ସମୟସୀମା ବୃଦ୍ଧି କରିବା ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟଧାରାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସହରରେ ଲାଗିଥିବା ଷ୍ଟ୍ରିଟ ଲାଇଟର ଯୋଗାଣ ଏବଂ ରକ୍ଷଣାବେକ୍ଷଣ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। କିନ୍ତୁ ସେ ସଂସ୍ଥା ନା ଖରାପ ହୋଇଥିବା ଜାଗାରେ ନୂଆ ଲାଇଟ ଲଗାଇଉଛି ନା ରକ୍ଷଣାବେକ୍ଷଣ କରୁଛି, ଯାହାଫଳରେ ସହରର ବିଭିନ୍ନ ଗଳିକନ୍ଦି ଅନ୍ଧାର ହୋଇରହୁଛି। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାତେଇ ଲକ୍ଷ ଲକ୍ଷ ଟଙ୍କାର ବିଲ ନେଉଛନ୍ତି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ (ଜଳଯୋଗାଣ ସଂସ୍ଥା) ମ୍ୟୁନିସିପାଲିଟି ଗ୍ରାଣ୍ଟରୁ ଅନ୍ୟୂନ ୧୦ କୋଟି ଟଙ୍କା ନେଇଥିବା ସ୍ଥଳେ ସହରର ପ୍ରତ୍ୟେକ ୱାର୍ଡରେ ଉତ୍କଟ ଜଳାଭାବ ସହିତ ଗୋଳିଆ ପାଣି ଜନଜୀବନକୁ ବିପର୍ଯ୍ୟସ୍ତ କରିବା ସଙ୍ଗେସଙ୍ଗେ ଦାୟିତ୍ୱହୀନ ଏବଂ ଅପାରଗତାକୁ ପ୍ରମାଣ କରୁଛି। ତେଣୁ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ସହିତ ୩ ଦିନ ମଧ୍ୟରେ ଏକ ନିୟମିତ ଏବଂ ଅଭିଜ୍ଞ କାର୍ଯ୍ୟନିର୍ବାହୀ ଅଧିକାରୀ ତୁରନ୍ତ ଅବସ୍ଥାପନ ନକଲେ ବାଲେଶ୍ୱର ନଗର ବିଜେପି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବ ବୋଲି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସତ୍ୟଶିବ ସୁନ୍ଦର ଦାଶ, ନିତ୍ୟଗୋପାଳ ସିଂ, ସସ୍ମିତା ନାଥ, ରୋଜାଲିନ ପାଣି, ସୁଚିସ୍ମିତା ପଣ୍ଡା, ଗୌରୀ ଦାଶ, ଭାରତୀ ପାତ୍ର, ନିରୁପମା ଦାଶ ଏବଂ ପ୍ରତିମା ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଜୟପ୍ରକାଶ ଦାଶ, ରାଜେନ୍ଦ୍ର ଚାଟାର୍ଜୀ, ଜୀବନ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ମହୀଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ; ନର୍ସ ସଂକ୍ରମିତ




ଫୁଲନଖରା (ପିଏନ୍)-ବର୍ଷାଋତୁରେ ଡେଙ୍ଗୁ ସମେତ ଅନ୍ୟାନ୍ୟ ଜଳବାହିତ ରୋଗର ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରତିଷେଧମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଏହାର ନିରାକରଣ ସକାଶେ ବ୍ୟାପକଭାବେ ପ୍ରଚାର ପ୍ରସାର ସହିତ ଲୋକମାନଙ୍କୁ ସଚେତନ ମଧ୍ୟ କରାଯାଉଛି। କିଁ୍ତୁ ଏହି ରୋଗକୁ ନିୟନ୍ତ୍ରଣ କରିବାରେ ବିଭାଗ ବସ୍ତୁତଃ ବିଫଳ ହୋଇଥିବା ଲକ୍ଷ୍ୟ କରାଯାଉଛି। ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ପରିଚାରିକା (ନର୍ସ) ଡେଙ୍ଗୁ ରୋଗରେ ଆକ୍ରା' ହେବାରୁ ବିଭାଗର ବିଫଳତା ଏବେ ପଦାରେ ପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନଥିବା ଏବଂ ବିଶୋଧକ ଆଦି ସିଞ୍ଚନ କରାଯାଉନଥିବା ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡେଙ୍ଗୁ ନିରାକରଣ ଓ ନିୟନ୍ତ୍ରଣ ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କୁ ଆନୁସଙ୍ଗୀକ ବ୍ୟବସ୍ଥା ଯୋଗାଇଦେବା ସହିତ ଏହାର ସଦୁପଯୋଗ ନିମ' ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଠିକ ଭାବରେ କାର୍ଯ୍ୟକାରୀ ହେଉନାହିଁ। ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କ କେବଳ ଘନଘନ ବୈଠକରେ ଡେଙ୍ଗୁ ନିରାକରଣ ଅଭିଯାନ ସୀମିତ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକା ମହିଳା କର୍ମଚାରୀଙ୍କୁ ଏହି ରୋଗ ସଂକ୍ରମଣ ହୋଇଥିବାବେଳେ ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ସଚେତନତା କିପରି ହେଉଥିବ ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

# ୧୪ ନମ୍ବର ୱାର୍ଡରେ ମୋ ୱାର୍ଡ ବୈଠକ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ମହାନଗର ନିଗମର ଉତ୍ତର ମଣ୍ଡଳ ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ନୀଳାଦ୍ରିବିହାର କାର୍ଯ୍ୟାଳୟଠାରେ ମୋ ୱାର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ପୋରେଟର ମୋନାଲିସା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ କହିଥିଲେ ଆମ ଘରକୁ ଯେପରି ଆମ୍ଭେମାନେ ସଫା ସୁତରା ରଖୁଛେ, ଘର ସମ୍ମୁଖରେ ଅଳିଆ ପଡିଲେ ଯେମିତି ଝାଡୁ ମାରି ଦେଉଛେ, ଠିକ୍ ସେହିପରି ଆମେ ଯଦି ସତର୍କ ରହିବା, ତାହାହେଲେ ରାସ୍ତାଘାଟ ଅଳିଆ ହେବ ନାହିଁ। ଘରେ ଦୁଇଟି ଡଷ୍ଟବିନ୍ ରଖିବା, ଗୋଟିଏରେ ଶୁଖିଲା ଓ ଅନ୍ୟଟିରେ ଓଦା ପଦାର୍ଥ ରଖି ବିଏମସି ଗାଡିକୁ ଦେବା, ତାହାହେଲେ ଅଳିଆ ସମସ୍ୟାର ସମାଧାନ ହୋଇଯିବ। ସମସ୍ତଙ୍କ ସହଯୋଗରେ ଭୁବନେଶ୍ୱରର ଉନ୍ନତି ଘଟିବ। ସମ୍ମାନିତ ଅତିଥି ଭାବେ ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ପୁରନ୍ଦର ନନ୍ଦ ପ୍ରମୁଖ ଯୋଗଦେଇ ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ୱାର୍ଡର ବହୁ ଲୋକ ଉପସ୍ଥିତ ଥିଲେ।

# ପରମାନନ୍ଦ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଖୋର୍ଦ୍ଧା,(ପିଏନ)- ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ କଲେଜର ସମ୍ମିଳନୀ କକ୍ଷରେ ଶାକୁନ୍ତଳେ ନାଟ୍ୟକଳା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଭାଗୀୟ ମୁଖ୍ୟା ଡଃ ଗୀତାଞ୍ଜଳୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସ୍ନାତୋକତର ସଂସ୍କୃତ ବିଭାଗର ଆସୋସିଏଟ ପ୍ରଫେସର ଡଃ ବ୍ରଜସୁନ୍ଦର ମିଶ୍ର ମୁଖ୍ୟବକ୍ତା, ପିପିଲି ମହାବିଦ୍ୟାଳୟ ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ସୁନନ୍ଦା ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାବ୍ୟ କାଳିଦାସଙ୍କ ରଚିତ ଅଭିଜ୍ଞାନ ଶାକୁନ୍ତଳମ ଶ୍ରେଷ୍ଠତମ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତଃ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କର ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଦିବଂଗତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀ ଗାୟତ୍ରୀ ବରାଡ ଓ ସାଥିମାନେ ସ୍ତୋତ୍ର ପାଠ କରିଥିବା ସହ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡଃ ଅନୁସୂୟା ପୃଷ୍ଟି ଆଲୋଚନା ଚକ୍ରରେ ନିର୍ଯ୍ୟାସ ପାଠ କରିଥିବା ବେଳେ ଛାତ୍ରୀ ସନ୍ଧ୍ୟାରାଣୀ ସୁବୁଦ୍ଧି ଓ ଲକ୍ଷ୍ମୀପ୍ରିୟା ବେହେରା ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଜ୍ୟୋତିଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ମହାପାତ୍ର, ଜୟନ୍ତ କୁମାର ବିଶ୍ୱାଳ ଓ କର୍ମୋଦୟ ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ।

# ଯୌତୁକଜନିତ ଟଙ୍କା ନ ପାଇବାରୁ ପତ୍ନୀକୁ ମାଡ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର କୈଳାସ ଚନ୍ଦ୍ର ନାୟକଙ୍କ ଝିଅ ରଶ୍ମିତା ୨୦୦୯ ମସିହାରେ ବାରବାଟି ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ପବିତ୍ରଙ୍କ ସହ ବୈଦିକ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପବିତ୍ରର ଦୁଇଟି ଝିଅ ଜନ୍ମ ହୋଇଥିଲେ ମଧ୍ୟ ୫ ବର୍ଷ ହେବ କୌଣସି କାମଧନ୍ଦା ନ କରି ଘରର ଆସବାବପତ୍ର ବିକ୍ରୀ କରିବା ସହ ଶ୍ୱଶୁର ଘରର ୨ ମାଣ ଜମି ବିକ୍ରୀ କରି ଦେଇଛନ୍ତି। ଏହାସହିତ ନିଜ ପତ୍ନୀ ରଶ୍ମିତାକୁ ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦେଇ ଯୌତୁକ ଟଙ୍କା ଆଣିବାକୁ ଦାବୀ କରି ଆସୁଥିଲେ। ଏଥିରେ ରଶ୍ମିତାକୁ ଅସହ୍ୟ ହେବାରୁ ୨ ମାସ ପୂର୍ବରୁ ନିଜ ବାପ ଘରେ ରହିଥିବା ବେଳେ ବୁଝାସୁଝା କରି ନେଇ ଯାଇଥିଲେ। ଗତ ୨୯ ତାରିଖ ଦିନ ରାତିରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଆସି ଗୋଇଠା ମାରି ମୁହଁକୁ ମାଡ ମାରିବା ସହ ରଡରେ ଗୁପ୍ତାଙ୍ଗରେ ଭର୍ତି କରି କିରୋସିନି ଆଣିବାକୁ ଯାଇଥିବା ସମୟରେ ସେମାନଙ୍କ ଠାରୁ ଖସିଯାଇ ନିଜକୁ ଆତ୍ମଗୋପନ କରି ବାପାଙ୍କ ନିକଟକୁ ଫୋନ ଯୋଗେ ଜଣାଇଥିଲା। ଏ ନେଇ ଅଭିଯୋଗକାରିଣୀ ରଶ୍ମିତା ସାହୁ ଚିକିତ୍ସିତ ହୋଇ ଦାବୀ ମୁତାବକ ଅର୍ଥ ଦେଇ ନପାରିବାରୁ ଏଭଳି ଅଘଟଣ ଘଟିଛି ବୋଲି ପୋଲିସ ନିକଟରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଲଗାମହୀନ ଦରବୃଦ୍ଧି, ଅସହ୍ୟ ବେକାରୀ ଧାନ କ୍ୱିଣ୍ଟାଲ ୩୦୦୦ ଟଙ୍କା ଦାବୀ କରି ସିପିଆଇ (ଏମ୍)ର ଆନ୍ଦୋଳନ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ଓଡିଶାର ଯୁବକମାନେ ରାଜ୍ୟରେ ନିଯୁକ୍ତି ଓ ଉପଯୁକ୍ତ ମଜୁରୀ ଅଭାବରୁ ଲକ୍ଷ ଲକ୍ଷ ସଂଖ୍ୟାରେ ରାଜ୍ୟ ବାହାରକୁ କାମ ପାଇଁ ଚାଲି ଯାଉଛନ୍ତି । ଏଣେ କେନ୍ଦ୍ର ସରକାରଙ୍କ ଧନୀ ପୁଞ୍ଜିପତି ସପକ୍ଷବାଦୀ ଆର୍ଥିକ ନୀତି ଯୋଗୁଁ ଦରଦାମ ହୁ ହୁ ହୋଇ ବଢି ଚାଲିଛି । କେନ୍ଦ୍ର ସରକାର ଦେଶର ଅତି ଉଚ୍ଚ ଧନୀ ପରିବାରଗୁଡିକୁ ୧୦ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଋଣ ଛାଡ ଓ ଟିକସ ରିହାତି ଦେଲାବେଳେ ସାଧାରଣ ଲୋକଙ୍କ ବ୍ୟବହାର୍ଯ୍ୟ ଚୁଡା, ଗୁଡ, ମୁଢି ଉପରେ ଶତକଡା ୫ ଭାଗ ଜି.ଏସ୍.ଟି. ଲାଗୁ କରିବା ଅତ୍ୟନ୍ତ ନିନ୍ଦନୀୟ ଓ ଲଜ୍ଜାଜନକ । ଲଗାମହୀନ ଦରବୃଦ୍ଧି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ଡିଜେଲ, ପେଟ୍ରୋଲ ଦର ୧୦୦ଟଙ୍କା ତଳକୁ ଖସୁନାହିଁ, ରନ୍ଧନ ଗ୍ୟାସ ସିଲିଣ୍ଡର ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ, ଏହା ବିରୋଧରେ ଦେଶବ୍ୟାପି ସି.ପି.ଆଇ.(ଏମ୍) ଆନ୍ଦୋଳନ ଓ ଅଭିଯାନ ପାଇଁ ଆହ୍ୱାନ କରିଛି । ଓଡିଶାରେ ଦଳ ପକ୍ଷରୁ ଚଳିତ ମାସ ୨୮ ତାରିଖ ଦିନ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ନିମନ୍ତେ ଦଳ ପକ୍ଷରୁ ଡାକରା ଦିଆଯାଇଛି । ଏ ସଂକ୍ରାନ୍ତରେ ଏଠାରେ ସି.ପି.ଆଇ(ଏମ୍)ଓଡିଶା ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଚାର ଅଭିଯାନ ଓ ସମାବେଶକୁ ସଫଳ କରିବାକୁ ନିବେଦନ କରିଛନ୍ତି ।

ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କେନ୍ଦ୍ର ସରକାର ସ୍ୱାଧୀନତାର ୭୫ ବର୍ଷ ପୁରଣକୁ ଆଜାଦୀକା ମହୋତ୍ସବ ରୂପେ ପାଳନ କରୁଥିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ଗଣତାନ୍ତ୍ରିକ, ମାନବିକ ଅଧିକାର ହରଣ, ଘୋଷିତ ଧର୍ମନିରପେକ୍ଷତାକୁ ଧ୍ୱଂସ କରି ସଂପ୍ରଦାୟିକ ଭେଦଭାବର ବିଷ ମଞ୍ଜି ବୁଣିବାରେ ଲାଗିଛନ୍ତି ।

ଓଡିଶାରେ ୨୨ ବର୍ଷର ବିଜେଡି ଶାସନ କାଳରେ ରାଜ୍ୟର ମୌଳିକ ସମସ୍ୟା ସମାଧାନ କରିବାରେ ମୋଟେ ଦୃଷ୍ଟି ଦେଲେନାହିଁ । ଫଳରେ ରାଜ୍ୟବାସୀ ସଙ୍କଟ ଜର୍ଜରିତ ହୋଇ ରହିଛନ୍ତି । ଚାଷି ଧାନ କିଣିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଗତ ବର୍ଷ ୨ ଲକ୍ଷ ଚାଷୀ ଧାନ ବିକ୍ରୀ ସକାଶେ ପଞ୍ଜିକରଣ କରିଥିଲେ ସୁଦ୍ଧା ସରକାର ମଣ୍ଡିରେ ଧାନ କିଣିପାରିଲେ ନାହିଁ । କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୧୦୦ ଟଙ୍କା ବୃଦ୍ଧି କଲେ । ଅନ୍ୟ ଦିଗରେ ସାରର ମୂଲ୍ୟ ୧୦୦୦ ଟଙ୍କା ବୃଦ୍ଧି ହୋଇଛି । ରାଜ୍ୟରେ ଚାଷୀ ସାର ପାଉନାହିଁ । ସାର ବିକ୍ରୀରେ ବ୍ୟାପକ କାରସାଦୀ ଓ କଳାବଜାରୀ ହେଲେ ବି ସରକାର ନୀରବ । କେରଳ ରାଜ୍ୟ ସରକାର ଚାଷୀମାନଙ୍କୁ କେନ୍ଦ୍ରୀୟ ସହାୟକ ମୂଲ୍ୟ ଉପରେ ବୋନସ୍ ଦେଉଛନ୍ତି । କିନ୍ତୁ ଓଡିଶାରେ ରାଜ୍ୟ ବିଜେଡି ସରକାର ଗୋଟିଏ ଟଙ୍କା ସୁଦ୍ଧା ବୋନସ୍ ଦେବାକୁ ରାଜି ନୁହଁନ୍ତି । ରାଜ୍ୟରେ ବେକାର ସମସ୍ୟା ଭୟାବହ ହେଲାଣି । ୧୫ରୁ ୨୯ ବର୍ଷ ବୟସ ସୀମାର ଶତକଡା ୩୪ ଭାଗ ଯୁବକ ବେକାର । ସ୍ନାତକ ଏବଂ ବୈଷୟିକ ଶିକ୍ଷା ପ୍ରାପ୍ତ ଯୁବକମାନଙ୍କ ମଧ୍ୟରୁ ଶତକଡା ୮ ଭାଗ ଯୁବକଙ୍କ ପାଇଁ ନିଯୁକ୍ତି ନାହିଁ । ରାଜ୍ୟ ସରକାରୀ ଅଫିସ୍ ମାନଙ୍କରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି । ସେଥିରୁ କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଲକ୍ଷାଧିକ ପଦବୀ ଖାଲି ରହିଛି । ରାଜ୍ୟ ସରକାର କାଁ ଭାଁ ନିଯୁକ୍ତି ପ୍ରଦାନ କରି ସେମାନଙ୍କୁ ଭୁବନେଶ୍ୱରରେ ଠୁଳ କରି ବ୍ୟାପକ ପ୍ରଚାର କରାଯାଉଛି । ପ୍ରତ୍ୟେକ ନିଯୁକ୍ତିରେ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ କାରବାର ଉଚ୍ଚସ୍ତରର ଜ୍ଞାତସାରରେ ହେଉଛି ।

ଠିକା କର୍ମଚାରୀ ଓ ଆଉଟସୋର୍ସ କର୍ମଚାରୀଙ୍କ ସଂଖ୍ୟା ୩ ଲକ୍ଷରୁ ଉର୍ଦ୍ଧ୍ୱ । ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ସ୍ୱଳ୍ପ ବେତନରେ ଶୋଷଣ କରାଯାଉଛି । ଗ୍ରାମାଞ୍ଚଳରେ ରେଗା କାମରେ କଣ୍ଟ୍ରାକ୍ଟର ଏବଂ ମେସିନ ବ୍ୟବହାର ବେଧଡକ ଭାବେ ଚାଲିଛି । ମାସ ମାସ ଧରି ମଜୁରୀ ନାହିଁ । ବ୍ଲକ୍ ଗୁଡିକ ହେଉଛି ହରିଲୁଟର କେନ୍ଦ୍ର । ସର୍ବତ୍ର ସବୁ ବିଭାଗରେ ଦୁର୍ନୀତି, ଲାଞ୍ଚ, ମିଛ ଭରପୁର । ନିମ୍ନମାନର କାର୍ଯ୍ୟ ହେତୁ କେଉଁଠି ପୋଲ ଭୁଷୁଡି ପଡୁଛି ତ କେଉଁଠି କୋଠାର ଛାତ । ସି.ପି.ଆଇ.(ଏମ୍) ପକ୍ଷରୁ ଜନଜୀବନ ସମ୍ପର୍କିତ ଏହି ପ୍ରସଙ୍ଗଗୁଡିକୁ ନେଇ ସେପ୍ଟେମ୍ବର ମାସରେ ବ୍ୟାପକ ପ୍ରଚାର ଅଭିଯାନ ଶେଷରେ ଚଳିତ ମାସ ୨୮ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିବାଦ ସମାବେଶ ପାଇଁ ଆହ୍ୱାନ କରାଯାଇଛି ।

# କୁଖ୍ୟାତ ଅପରାଧୀ ଜୁମା ସହ ୪ ଅଭିଯୁକ୍ତ ଗିରଫ, ୭ଗାଡି ଓ ସୁନା ଅଳଙ୍କାର ଜବତ



ଫୁଲନଖରା (ପିଏନ୍)-କଟକ ସଦର ଥାନା ତରଫରୁ ଚଢ଼ାଉ କରି କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଗ୍ରାମର ଅନ୍ତଃରାଷ୍ଟ୍ରୀୟ ଅପରାଧୀ ଜୁମା ଓରଫ ଅବଦୁଲ ନାଦି ଖାଁ ଓରଫ ଅବଦୁଲ ରଜକ (୧୯), ଜଗତପୁର ଥାନା ଅନ୍ତର୍ଗତ ନୂଆସାହିର ଦେବାଶିଷ ଭୂୟାଁ ଓରଫ ଦେବ (୧୯), ଜଗତପୁର ଥାନା ଅନ୍ତର୍ଗତ ଗଣିପୁରର ବିନୋଦ ବିହାରୀ ବିଶ୍ୱାଳ (୩୦), କେନ୍ଦ୍ରାପଡା ଟାଉନ୍ ଥାନା ଅନ୍ତର୍ଗତ ଗରାପୁର ଅଂଚଳର ବୁଟୁ ଓରଫ ସେକ୍ ରୁସ୍ତମ୍ (୩୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ସଦର ଥାନା ଅଂଚଳର ଅଢ଼ାଳିଆ ଗ୍ରାମର ରମେଶ ସାହୁଙ୍କ ଏକ ସିଲ୍‌ଭର ରଙ୍ଗର ଅଲ୍ଟୋ ଗାଡି (ଓଆର୍-୨୧ ୭୪୭୯)କୁ ତାଙ୍କ ଘର ଆଗରୁ ଅଗଷ୍ଟ ମାସ ୨୦ ତାରିଖରେ କେହି ଅଜଣା ବ୍ୟକ୍ତି ଚୋରୀ କରି ନେଇ ଯାଇଥିବାର ଏକ ଲିଖିତ ଅଭିଯୋଗ ଅଗଷ୍ଟ ୨୧ ତାରିଖରେ ସଦର ଥାନାରେ କରିଥିଲେ । ଅଭିଯୋଗକାରୀଙ୍କ ତଥ୍ୟକୁ ଭିତି କରି ଜୋନ୍-୪ ଏସିପି ଚନ୍ଦନ ଘଡେଇ ଓ କଟକ ସଦର ଥାନା ଆଇଆଇସି ରଶ୍ମିରଂଜନ ମହାପାତ୍ର ଏକ ଟିମ୍ ଗଠନ କରି ଅନୁସନ୍ଧାନ ପ୍ରକ୍ରିୟା ଜାରି ରଖି ଜୁମା ଓ ତା'ର ସହଯୋଗୀମାନଙ୍କୁ ଧରିବାରେ ସଫଳ ହୋଇଥିଲେ । ସେମାନଙ୍କ ଠାରୁ ୨ଟି ଅଲ୍ଟୋ କାର, ୧ଟି ବୋଲେରୋ, ୨ଟି ପିକ୍‌ଅପ୍ ଭ୍ୟାନ୍ ଓ ୨ଟି ୟାମା ଆର୍-୧୫ ବାଇକ୍, ୧ଟି ନୀଳରଙ୍ଗ ରେଡ୍‌ମି ମୋବାଇଲ, ୪ଟି ମଙ୍ଗଳସୂତ୍ର, ୬ଟି ହାତ ମୁଦି, ୨ଟି କାନଫୁଲ, ୧ଟି ସୁନା ଚେନ୍ ସହ ଲକେଟ୍ (ପ୍ରାୟ ୬୧ଗ୍ରାମ ସୁନା ଅଳଙ୍କାର) ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କୁ ପଚରାଉଚରା ମାଧ୍ୟମରେ ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଶ୍ରୀକାକୁଲମ୍ ଓ ଆନ୍ଧ୍ର ପ୍ରଦେଶରୁ ମଧ୍ୟ ଅନେକ ଗାଡି ଚୋରୀ ଓ ସୁନା ଅଳଙ୍କାର ଛିନ୍‌ତାଇ କରିଥିବା ସେମାନେ ସ୍ୱୀକାର କରିବା ସହ ସେମାନଙ୍କ ନାମରେ ନୟାପଲ୍ଲୀ, ଭରତପୁର, ଚନ୍ଦ୍ରଶେଖରପୁର, ସାଲେପୁର, ଜଗତପୁର, ଖୋର୍ଦ୍ଧା, ହିଂଜିଳି, ତମାଣ୍ଡୋ, ଢେଙ୍କାନାଳ, ଯାଜପୁର, ନିଶ୍ଚିନ୍ତକୋଇଲି ଓ କଟକ ସଦର ଥାନାରେ ପ୍ରାୟ ୧୭ଟି ଅଭିଯୋଗ ରହିଛି ବୋଲି ଡିସିପି ପିନାକୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

# ତହସିଲ ପକ୍ଷରୁ ୩ ଗାଡି ଜବତ ଘଟଣା, ଗାଡି ମାଲିକ ଓ ଡ୍ରାଇଭର ସମେତ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ କରୁଥିବା ଏକ ଜେସିବି ମେସିନ ସହ ଏକ ହାଇୱା ଓ ଏକ ବାଲି ଟ୍ରାକ୍ଟରକୁ ତହସିଲଦାର ଜବତ ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ଲୁଣିବର କଳାପଥର ଖାଦାନରେ ବେଆଇନ ଭାବେ ଖନନ ହେଉଥିବା ଖବର ପାଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଓ ରାଜସ୍ୱ ନିରିକ୍ଷକ ଚନ୍ଦନ ସାହୁ ସେଠାରେ ଚଢାଉ କରି ଏକ ଜେସିବି ମେସିନ ସହ ଏକ ହାଇୱା ଗାଡିକୁ ଜବତ କରିଥିଲେ। ଏହି ସମୟରେ ସେହି ରାସ୍ତାଦେଇ ଯାଉଥିବା ଏକ ବାଲି ଟ୍ରାକ୍ଟରକୁ ଜବତ କରିଥିଲେ। ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ପୁଲିସ ୨୫୫/୨୨ ଓ ୨୫୬/୨୨ରେ ଦୁଇଗୋଟି କେଶ ରୁଜୁ କରି ଗାଡିର ମାଲିକ ଓ ଡ୍ରାଇଭର ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଗ୍ରାମର ମଦନ ସେନାପତି (୪୮), ରଂଜନ ସେନାପତି (୫୮), ଏହି ଥାନା ରାମଚନ୍ଦ୍ରପୁର ଗ୍ରାମର ପିଂଟୁ ରାଉତ (୨୩), ଏହି ଥାନା ରାଇଛନ୍ଦା ଗ୍ରାମର ବିଶ୍ୱନାଥ ମହାନ୍ତ ଓ ରାମପୁର କାଇଥାର ଗଣେଶ୍ୱର ରାଉତ । ଗିରଫ ଅଭିଯୁକ୍ତମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଏକାମ୍ର ସଂରକ୍ଷଣ ଯୋଜନା ଆରମ୍ଭ ପାଇଁ ମୋଦିଙ୍କୁ ଧନ୍ୟବାଦ

ଭୁବନେଶ୍ୱର (ପିଏନ୍): ଏକାମ୍ର ସଂରକ୍ଷଣ ଯୋଜନାକୁ ଜାତୀୟ କୀର୍ତିରାଜୀ କର୍ତୃପକ୍ଷ (ଏନ୍ଏମ୍ଏ) ଅନୁମତି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି ବିଜେପି ନେତା ଅମୀୟ ଦାଶ। ଶ୍ରୀ ଦାଶ କହିଛନ୍ତି ଯେ ଅଧାରୁ ଅଟକିଥିବା ଶ୍ରୀଲିଙ୍ଗରାଜ ଏଂଟ୍ରି ପ୍ଲାଜା ପ୍ରକଳ୍ପ ହେବା ଦ୍ୱାରା ଏକାମ୍ର କ୍ଷେତ୍ରର ବିକାଶ ହେବ। ତେବେ ଜମି ହରାଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ କ୍ଷତିପୂରଣ ସହ ଉଠା-ଦୋକାନୀଙ୍କୁ ଥଇଥାନ କରିବା ଓ ପ୍ରକଳ୍ପକୁ ତୁରନ୍ତ ସାରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ଭାଣପୁର ମହାଦେବ ପୂଜା କମିଟି ତରଫରୁ ବନ୍ଧୁମିଳନ



ଫୁଲନଖରା (ପିଏନ୍)-କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ଭାଣପୁର ମହାଦେବ ପୂଜା କମିଟି ତରଫରୁ ଏକ ଶାରଦୀୟ ବନ୍ଧୁମିଳନ ଉତ୍ସବ ପ୍ରମୋଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଅତିଥି ଭାବରେ ଆଇଆଇସି ରଶ୍ମିରଂଜନ ମହାପାତ୍ର, ୫୮ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ଗ୍ରାମ୍ୟ କମିଟି ସଂପାଦକ ଦିଲ୍ଲୀପ ନାୟକ, ଶରତ କୁମାର ଜେନା, ମହମ୍ମଦ ସିଦ୍ଦିକ୍, ମୁନିଲାଲ୍ ଚୌହାନ୍, ନବପ୍ରିତ୍ ଆରୋରା ପ୍ରମୁଖ ଯୋଗଦେଇ ଜାତି,ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତେ ଏହି ପର୍ବକୁ ଶାନ୍ତିଶୃଙ୍ଖଳା ସହିତ ପ୍ରଶାସନର ସମସ୍ତ ନୀତି ନିୟମକୁ ମାନି ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ଉକ୍ତ ଉତ୍ସବକୁ ରାଜେଶ କୁମାର ଭଟ୍ଟ, ଅଜିତ୍ ରାଉତ, ରଣଜିତ୍ ଦାସ, ପ୍ରଭାତ ଜେନା, କାର୍ତ୍ତିକ ଖଟୁଆ, ଅନିଲ ସାହୁ, ମାନସ ସାହୁ, ସୁଜିତ୍ କୁମାର ସାହୁ, ସନାତନ ରାଉତ, ନରେଶ ନାୟକ, ଲକ୍ଷ୍ମଣ ଭଟ୍ଟ ପ୍ରଭୃତି ପରିଚାଳନା କରିଥିବା ବେଳେ ଗ୍ରାମର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

# ପ୍ରସ୍ତୁତି ପଥେ ହରପାର୍ବତୀ ପୂଜା

କଟକ (ପିଏନ୍): ହରପାର୍ବତୀ ପୂଜା କମିଟି ତଥା ମାନସିଂପାଟଣା ଯୁବକ ସଂଘ ପକ୍ଷରୁ ଆସନ୍ତା ବିଜୟା ଦଶମୀ ଅବସରରେ ହରପାର୍ବତୀଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇବାକୁ ଯାଉଅଛି। ଏଥିପାଇଁ ହରପାର୍ବତୀ ପୂଜା କମିଟି ପକ୍ଷରୁ ହରପାର୍ବତୀଙ୍କ ଶୋଭନୀୟ ମୂର୍ତ୍ତି ପୂଜାର ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସଭାପତି- ଅକ୍ଷୟ କୁମାର ସାହୁ, ସମ୍ପାଦକ- ନିତ୍ୟ କିଶୋର ସାହୁ, ସାହିର ମୁରବୀ-ଆଶୀର୍ବାଦ ବେହେରା, ନିମାଇଁ ଚରଣ ସାହୁ, ତଥା ମାନସିଂହପାଟଣା ଯୁବକ ସଂଘ ପକ୍ଷରୁ କୃଷ୍ଣମୋହନ, ବଳରାମ ବେହେରା, ମନୋଜ କୁମାର ସାହୁ, ଶମ୍ଭୁନାଥ ବେହେରା, କାର୍ତ୍ତିକ ସାହୁ, ଦେବେନ୍ଦ୍ର ବେହେରା, ସତ୍ୟଜିତ୍ ସାହୁ, ଓପୁ ସାହୁ, ଦେବେନ୍ଦ୍ର ଆଦି କର୍ମକର୍ତ୍ତାମାନେ ପୂଜାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ କି ହରପାର୍ବତୀ ଏଠାରେ ଦୀର୍ଘ ୭୦ ବର୍ଷ ହେଲା ପୂଜା ପାଇଆସୁଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କାଗଜ କଳ ଅବସରପ୍ରାପ୍ତ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର, (ପି.ଏନ): କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଶ୍ରମିକ କର୍ମଚାରୀ ଭବନ ଠାରେ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପି.ଏଫ୍., ପେନସନ ଏବଂ ବକେୟା ପାଉଣା ବିଷୟରେ ଆଲୋଚନା ହୋଇଥିଲା । ସବୁଠାରୁ ଉଦବେଗଜନକ ବିଷୟ ହେଉଛି କାରଖାନାର ଚିମିନିରୁ ଧୂଆଁ ବାହାରୁଥିବା ବେଳେ କାଗଜ ଉତ୍ପାଦନ ଠିକ୍ ଭାବରେ ହେଉନାହିଁ । ଗୋଟିଏ କାରଖାନା ନିରନ୍ତର ଚାଲିବା ପାଇଁ ହେଲେ କଞ୍ଚାମାଲ, କୋଇଲା, କେମିକାଲ ଅନ୍ତତଃ ତିନିମାସ ପାଇଁ ଗଚ୍ଛିତ ରଖିବା ଦରକାର, କିନ୍ତୁ ବର୍ତ୍ତମାନ ତିନି ଦିନ ପାଇଁ ମଧ୍ୟ ନାହିଁ । ପ୍ରତ୍ୟେକ ଦିନ କୋଇଲା ଜଳୁଛି, ଅନ୍ୟ କେମିକାଲ ସରୁଛି, କିନ୍ତୁ ଆବଶ୍ୟକ ପରିମାଣର କାଗଜ ଉତ୍ପାଦନ ହେଉନାହିଁ । ଅର୍ଥାତ୍ ପ୍ରତିଦିନ କ୍ଷତି ହେଉଛି । ତାସହ ୧୫୦ କୋଟି ଟଙ୍କା ଉପରେ ପ୍ରତି ମାସରେ ପାଖାପାଖି କୋଟିଏ ଟଙ୍କା ସୁଧ । ଏସବୁ ସହିତ ଦ୍ୱିତୀୟ ମେସିନ୍ ଆଜି ପର୍ଯ୍ୟନ୍ତ ଚାଲି ପାରି ନାହିଁ । ନଭେମ୍ବର ୨୦୨୧ ରେ ରାଜ୍ୟ ସରକାର ନୂଆ ମଦର ଆର୍ଥ୍ କମ୍ପାନୀକୁ ଅନୁମତି ଦେଇଛନ୍ତି । ଆଜି ପର୍ଯ୍ୟନ୍ତ କାମ କରୁଥିବା ଶ୍ରମିକମାନଙ୍କୁ ପୁରା ଦରମା ଦେଉନାହିଁ । ପ୍ରକାଶ ଥାଉକି, ୨୦୨୦ ଫେବୃଆରୀ ମାସରୁ ବିଲ୍ଟ କମ୍ପାନୀ ମଦର ଆର୍ଥ୍ କମ୍ପାନୀକୁ ବ୍ୟବସାୟ ହସ୍ତାନ୍ତର କରିଛି ଏବଂ ଜୁନ୍ ୨୦୨୦ ରୁ ଏହି କାଗଜ କଳ ଚଳେଇବା ପାଇଁ ମଦର୍ ଆର୍ଥ୍ କମ୍ପାନୀ ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ୧୫୦ କୋଟି ଟଙ୍କା ଋଣ ନେଇଛି । ଯଦି ସ୍ୱାଭାବିକ ଭାବେ କାଗଜ କଳ ନଚାଲେ ତେବେ ଦିନକୁ ଦିନ ଆଶଙ୍କା ବଢି ଚାଲିବ । ଯଦି ନୂଆ କମ୍ପାନୀ ଅକ୍ଷମ ହୁଏ ତେବେ କ୍ଷତି ହେଉଛି ଦେଖେଇ ବନ୍ଦ କରିବା ପାଇଁ ଅନୁମତି ଲୋଡ଼ିବା ଆସମ୍ଭବ ନୁହେଁ । କାରଖାନା ଯଦି ନଚାଲେ ତେବେ ଶ୍ରମିକ ମାନଙ୍କ ବକେୟା ପାଉଣା ମିଳିବା ମଧ୍ୟ ଅସମ୍ଭବ ହୋଇଯିବ । ଏଣୁ କର୍ମଚାରୀ ମାନେ ମାନ୍ୟବର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ଅନୁରୋଧ କରିଛନ୍ତି କାରଖାନା ଅବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପାଇଁ ଉଦ୍ୟମ କରନ୍ତୁ । ରବି ନାରାୟଣ ନନ୍ଦ କାରଖାନାରେ ଶ୍ରମିକ ସଂଗଠନ ମାନଙ୍କ ନେତୃତ୍ୱ ନେଇ ଅନେକ କାର୍ଯ୍ୟ ଅତୀତରେ କରିଛନ୍ତି ଏବଂ ବର୍ତ୍ତମାନ ଏହି ସଙ୍କଟ ସମୟରେ ସହଯୋଗ କରିବା ପାଇଁ ସମସ୍ତେ ସାମୁହିକ ଭାବେ ନିବେଦନ କରିଛନ୍ତି ।ଶ୍ରୀଯୁକ୍ତ ନନ୍ଦ କହିଛନ୍ତି ଯେ, ଦଶହରା ପର୍ଯ୍ୟନ୍ତ ନୂଆ କମ୍ପାନୀକୁ ସମୟ ଦେଇ ତାପରେ ଆନ୍ଦୋଳନ କାର୍ଯ୍ୟକ୍ରମ ହାତକୁ ନେବା । କାରଖାନା ବନ୍ଦ ନକରି କାଗଜ ଉତ୍ପାଦନ ସ୍ୱାଭାବିକ ହେବା ସହ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ନିରନ୍ତର ଆନ୍ଦୋଳନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ଏଣୁ ଅକ୍ଟୋବର ୧୦ ପରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ନିଷ୍ପତି ନିଆଯାଇଛି । ଆଜିର ବୈଠକରେ ସର୍ବଶ୍ରୀ ପ୍ରଭାକର ପ୍ରହରାଜ, ପି. ପ୍ରଭାକର, ନାରାୟଣ ଦାଶ, ସରୋଜ ପଣ୍ଡା, ପ୍ରକାଶ ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପୌରାଧକ୍ଷାଙ୍କ ଉଦ୍ୟମରେ ପୋଖରୀ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ

କନ୍ଧମାଳ,(ପି.ଏନ): ଫୁଲବାଣୀ ପୌରାଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତିଙ୍କ ନିର୍ଦ୍ଦେଶରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଦେବ ବେହେରାଙ୍କ ତତ୍ୱାବଧାନରେ ଫୁଲବାଣୀ ସହରର ବଜାର ନିକଟରେ ଥିବା ବିଭିନ୍ନ ପୋଖରୀ ଗୁଡିକର ଅଳିଆ ଆବର୍ଜନା ଓ ଦଳ ଆଦି ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି । ସୋମବାର ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ନିଜେ ଉପସ୍ଥିତ ରହି ନେଳିଆ ବନ୍ଧର ସଫେଇ କାର୍ଯ୍ୟ ତଦାରଖ କରୁଥିବା ଦେଖିବାକୁ ମିଳିଛି ।ଦୀର୍ଘ ବର୍ଷ ହେଲା ପୋଖରୀ ଗୁଡିକ ସଫେଇ ନ ହୋଇ ଅଳିଆ ଆବର୍ଜନା ସାଙ୍ଗକୁ ଦଳ ଭର୍ତି ହୋଇ ଅପରିଷ୍କାର ହୋଇ ପଡିଥିଲା । ଲୋକେ ପ୍ରାୟତଃ ବ୍ୟବହାର କରୁନଥିଲେ । ବର୍ତମାନ ପୌରାଧକ୍ଷା ସ୍ମିତାଙ୍କ ନିଷ୍ଠାପର ଉଦ୍ୟମ, ଆଗ୍ରହ ଆନ୍ତରିକତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ଏହି ସବୁ ପୋଖରୀ ଗୁଡିକର ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଏହା ଯେପରି ଆଗ ଭଳି ବ୍ୟବହାର ଯୋଗ୍ୟ ହୋଇପାରିବ ଓ ଖରା ଦିନେ ଜଳକଷ୍ଟ ଦୂର ହୋଇପାରିବ ସେଥିପ୍ରତି ପୌରପରିଷଦ ବିଶେଷ ଦୃଷ୍ଟି ଦେଉଥିବା ପୋରାଧକ୍ଷା ସ୍ମିତାରାଣୀ କହିଛନ୍ତି । ଏଥିରେ ସହରବାସି ଙ୍କ ସହଯୋଗ କାମନା କରିଛନ୍ତି ସ୍ମିତା । ସହରବାସୀଙ୍କ ସହଯୋଗ ରହିଲେ ଫୁଲବାଣୀ ସହର ସରସ ସୁନ୍ଦର ଓ ଆକର୍ଷଣୀୟ ସହର ଭାବେ ପରିଗଣିତ ହୋଇପାରିବ ବୋଲି ସ୍ମିତା କହିଛନ୍ତି ।ନଗର ବିଜେପି ସଭାପତି ସୁଶାନ୍ତ ମହାନ୍ତି ମଧ ସହରକୁ କ୍ଲିନ ଓ ଗ୍ରୀନ ସିଟିରେ ପରିଣତ କରିବା ଲାଗି ଉଦ୍ୟମ କରାଯାଉଥିବା କହିଛନ୍ତି ।

# ସାତଭଉଣୀ-ଧାମନଗର ରାସ୍ତା ସଂକଟାପନ୍ନ

ଭଦ୍ରକ, (ପି.ଏନ): କାହାକୁ କହିବ ଶୁଣିବ କିଏ । ବିଭିନ୍ନ ଜାଗାରେ ଲୋକ ତେଜିଲେଣି । ନିର୍ବାଚନ ପରେ ନିର୍ବାଚନ ଆସୁଛି ଆଉ ଯାଉଛି । କିନ୍ତୁ ଭଦକ୍ର ଜିଲାର ସଦର ମହକୁମାରୁ ଭାୟା ସାତଭଉରୀ ମଧ୍ୟ ଦେଇ ଧାମନଗର ବ୍ଲକର ସଦର ମହକୁମାକୁ ସଂଯୋଗ କରୁଥିବା ରାସ୍ତାଟି ଯେମିତି ଜନ୍ମରୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିବାକୁ ସଂକଳ୍ପବଦ୍ଧ । ଏହି ରାସ୍ତାଟି ଯେମିତି ସର୍ବଦଳୀୟ ନେତାଙ୍କର ସାବତ ପୁଅ । ବ୍ଲକ୍, ତହସିଲ ତଥା ସହର ମାନ୍ୟତା ଧାମନଗର ଅଫିସ୍ ସହିତ ଭିନ୍ନ ଭିନ୍ନ ସରକାରୀ ଅଫିସ୍‌ରେ କାର୍ଯ୍ୟରତ କର୍ମଚାରୀମାନଙ୍କ ପାଇଁ ଏହି ରାସ୍ତାଟି ଆବଶ୍ୟକତାରହିଛି, ଏଥିସହିତ ଭଦ୍ରକ ଜିଲାର ସଦର ମହକୁମାରୁ ଯାଜପୁର ଜିଲାର ସଦର ମହକୁମାକୁ ଯୋଗ କରିଥିଲେ ମଧ୍ୟ କାହିଁକି କେଜାଣି କାହାରି ନିଘା ନାହିଁ କି ପଘା ନାହିଁ । ଏହି ମରଣଯନ୍ତା ରାସ୍ତା ଉପରେ ବ୍ଲକ୍‌ର ଅଧିକାଂଶ ପ ।ୟତର ଲୋକେ ପ୍ରତ୍ୟେକଦିନ ବିଭିନ୍ନ କାମରେ ବ୍ଲକ୍ ଅଫିସ୍ ତଥା ତହସିଲ ଅଫିସ୍ ସହିତ ବିଭିନ୍ନ ସମସ୍ୟାରେ ଧାମନଗକୁ ଯା ଆସ କରିବା ସହିତ ଜିଲା ସଦର ମହକୁମାକୁ ଯୋଗ କରୁଥିବାରୁ ସମସ୍ତ ପାଇଁ ନିର୍ଭରଶୀଳ ରାସ୍ତାଟିର ଜରାଜୀର୍ଣ୍ଣ ଅବସ୍ଥା ପାଇଁ ଏବେ ରୋଗୀଟିଏ ବି ଭଲରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ପହ୍‌ବା କଷ୍ଟକର ବେପାର । ତେଣୁ ସମସ୍ତଙ୍କ ପାଇଁ ଏହି ରାସ୍ତାଟି ଆବଶ୍ୟକତା ଥିବାବେଳେ କହିଁକି କେଜାଣି କେହି ନଜରକୁ ଆଣୁନାହାଁନ୍ତି ତାହା ଏବେ ଚିନ୍ତା ବିଷୟ ପାଲଟିଛି । ନିର୍ବାଚନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଇପରୁଛି । ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପରେ କୋଟି କୋଟି ଟଙ୍କା ତ ଖର୍ଚ୍ଚ ହୋଇପାରୁଛି । କିନ୍ତୁ ଏ ରାସ୍ତା ପାଇଁ ନୁହେଁ କାହିଁକି । ଆଉ ଯଦି ୨/୩ ବର୍ଷ ରେ ଥରେ କାର୍ଯ୍ୟ ହେଉଛି, ତାହା ପୁଣି ଅତି ନିମ୍ନ ମାନର ଏହା ଉପରେ ବିଭାଗ ମଧ୍ୟ ଚୁପ୍ ରହେ । କ୍ଲାକ୍ଟର ବାବୁଙ୍କୁ ଯଦି କୁହାଯାଏ ଯେ କାମଟିକୁ ଟିକେ ନଜର ଦେଇ କରନ୍ତୁ ସେଠାରେ ଉ ର ମିଳେ କି ମୁଁ ପା ନିର୍ବାଚନ ପାଇଁ ଟଙ୍କା ଖର୍ଚ୍ଚ କରିଛି, ତେବେ ମୁଁ କେଉଁଠୁ ଆଣିବି, ତେଣୁ ଏହାଠାରୁ ଆଉ ଅଧିକ କିଛି କରିହେବ ନାହିଁ ।

# ମା ବୁଢାରଜା ପୀଠରେ ଉଆଁସ ବଳି ଯାତ୍ରା ଅନୁଷ୍ଠିତ: ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ସୁବର୍ଣ୍ଣପୁର ,(ପି.ଏନ):ଗତକାଲି ସୁବର୍ଣ୍ଣପୁର ର ବୁଢାରଜା ପୀଠ ରେ ଉଆଁସ ବଳି ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ମା ସୁରେଶ୍ୱରୀ ଙ୍କ ମନ୍ଦିର ଠାରୁ ସମଲେଇ ମନ୍ଦିର ଯାଏ ଶୋଭାଯାତ୍ରା ରେ ବାଉତି ଛତ୍ର ଯାଇ ଶେଷ ରେ ମା ବୁଢାରଜା ଙ୍କ ପୀଠ କୁ ପହଂଚିଥିଲା । ସେଠାରେ ସୋନପୁର ର କୁଳି ସମ୍ପ୍ରଦାୟ ର ଲୋକେ ମାଙ୍କ ଠାରେ ରୀତି ନୀତି ରେ ପୂଜା ବିଧି କରିଥିବା ବେଳେ ଦୂର ଦୁରାନ୍ତର ମାନସିକ କରିଥିବା ଶହ ଶହ ଭକ୍ତ ଶ୍ରଦ୍ଧାଳୁ ଏଠାରେ ମା ଙ୍କୁ ଦର୍ଶନ କରି ମା ଙ୍କ ଠାରେ କୁକୁଡ଼ା ଓ ବୋଦା ବଳି ଅର୍ପଣ କରିଥିଲେ । ଆଜିର ଏଇ ପୂଜା ରେ କୁଳି ସମାଜ ର ପୂଜକ ଶ୍ୟାମ ସୁନ୍ଦର ମେହେର, ବାଳ ମୁକୁନ୍ଦ ମେହେର, ମୋତିରାମ ମେହେର, ମନୋଜ ମେହେର, ପ୍ରମୁଖ ନିଷ୍ଠା ର ସହିତ ପୂଜାର୍ଦ୍ଧି କରିଥିବା ବେଳେ ବୁଢାରଜା ୟୁଥ ଏସୋସିଏସନ ର କର୍ମକର୍ତ୍ତା ସହଯୋଗ କରିଥିଲେ କ୍ଷସକାଳ ୧୦ ଘଣ୍ଟା ରେ ଗାୟିକା ପ୍ରାପ୍ତି ଆଚାର୍ଯ୍ୟ ଓ ସାଥିଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ଓ ପରାୟଣ ପରିବେଷଣ କରାଯାଇଥିବା ବେଳେ ଦିବା ୪ ଟା ବେଳେ କୀର୍ତନ ବୈଠକି ଏବଂ ରାତି ୮ ଟା ବେଳେ ସମ୍ବଲପୁରୀ ମେଲୋଡି ଅନୁଷ୍ଠିତ ହୋଇଥିଲା । ଏବଂ ଏହି ପୀଠ ରେ ରାତି ୧ଟା ବେଳେ ବୁଢାରଜା ବଳୀ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ପୂଜକ ଦୀପକ ପୁରୋହିତ ରୀତି ନୀତିରେ ପୂଜା କରିଥିବା ବେଳେ ରାତି ୩ ଟା ବେ ମା ବୁଢ଼ୀ ସମଲେଇ ବାଟ ଦେଇ ମା ସମଲେଇ ମନ୍ଦିର କୁ ବଳୀ ନାଚି ନାଚି ପ୍ରତ୍ୟବର୍ତ୍ତନ କରିଥିଲେ । ଭକ୍ତ ଙ୍କ ଭିଡ଼ କୁ ଦୃଷ୍ଟି ରେ ରଖି ଯାତ୍ରା କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ଏବଂ ଦେବୋତ୍ତର ବିଭାଗ ଅଧିକାରୀ, କମିଟି ସଦସ୍ୟ ଶ୍ରୀବତ୍ସ ମଲ୍ଲିକ, ଲଡୁକିଶୋର ମଲ୍ଲିକ ଙ୍କ ସମେତ ସମସ୍ତ ସେବାୟତ ଓ ବୁଢାରଜା କ୍ଲବ ସଭ୍ୟ ସହଯୋଗ କରିଥିଲେ ।ଆଶ୍ୱିନ ମାସ ଅମାବାସ୍ୟା ଠୁଁ ପ୍ରତିପତା ଦୀର୍ଘ ପନ୍ଦର ଦିନ ଯାଏ ସୁବର୍ଣ୍ଣପୁର ର ଅଷ୍ଟ ଚଣ୍ଡୀ ଦେବୀ ମାନଙ୍କ ପୀଠ ରେ ଏହି ପ୍ରସିଦ୍ଧ ବଳୀଯାତ୍ରା ଖୁବ ଯାକ ଯମକ ରେ ଅନୁଷ୍ଠିତ ହୋଇଥାଏ । ବଳୀ ଯାତ୍ରା, ଦୁର୍ଗା ପୂଜା, ଗଜଲକ୍ଷ୍ମୀ ଓ କାଳୀ ପୂଜା ଯାଏ ସୁବର୍ଣ୍ଣପୁର ସହର ଚଳ ଚଞ୍ଚଳ ହୋଇ ଉଠିଥାଏ ଏବଂ ସୁବୁଆଡେ ଦହି ଦହନାର ମହମହ ବାସ୍ନା ଛୁଟିଥାଏ ।

# ଖଜୁରୀ ପଡାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ

କନ୍ଧମାଳ,(ପି.ଏନ): ଖଜୁରୀ ପଡା ବ୍ଲକରେ ଲାଗିରହିଥିବା ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଜିଲ୍ଲାପାଳ ପ୍ରତ୍ୟେକ ବ୍ଲକରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ସିଧା ସଳଖ ଜନସାଧାରଣ ଙ୍କ ଦୁଃଖ ଦୁର୍ଦ୍ଦଶା ଓ ସମସ୍ୟା ଶୁଣୁ ଛନ୍ତି ଏବଂ ଆସିଥିବା ଅଭିଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ସେଇ ସମସ୍ୟା ଗୁଡ଼ିକର ସମାଧାନ କରୁଛନ୍ତି ।ଏହି ପରିପ୍ରେକ୍ଷୀରେ ୨୬ ସେପ୍ଟେମ୍ବର ସୋମବାର ଦିନ କନ୍ଧମାଳ ଜିଲ୍ଲାର ପ୍ରଶାସକ ଜିଲ୍ଲା ପାଳ ଆଶିଷ ଈଶ୍ୱର ପାଟିଲ ଖଜୁରୀପଡ଼ା ବ୍ଲକ ଗସ୍ତରେ ଆସି ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ପାଳ ଅଭିଯୋଗ ଶୁଣାଣି ଶିବିରରେ ୧୨୧ ଅଭିଯୋଗ ଗ୍ରହଣ କରିଛନ୍ତି । ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୧୧୬ ରହିଥିବା ବେଳେ ସାମୁହିକ ଅଭିଯୋଗ ୦୫ ଗୋଟି ରହିଥିବା ସୂଚନା ମିଳିଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ବ୍ୟତୀତ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ସିଧା ସଳଖ ଭାବେ ଜନସାଧାରଣଙ୍କ ଦୁଃଖ ଶୁଣିବା ସହିତ ଅଭିଯୋଗ ଗ୍ରହଣ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକର କିଛି ଜନସାଧାରଣ ଆସି ସେମାନଙ୍କ ଅଭିଯୋଗ ଜଣାଇଥିବା ବେଳେ ଉପାନ୍ତ ଅଞ୍ଚଳରେ ବସ ବାସ କରୁଥିବା ଜନସାଧାରଣ ମାନେ ସେମାନଙ୍କ ମୌଳିକ ସମସ୍ୟା ଶିକ୍ଷା, ଗମନାଗମନ,ପାନୀୟ ଜଳ ଯୋଗାଣ ବିଦ୍ୟୁତ ସଂଯୋଗ , ମୋବାଇଲ ଟାୱାର କୁ ନେଇ ଅଭିଯୋଗ ଜଣାଇଥିଲେ ।ଏହି ଯୁଗ୍ମ ଅଭିଯୋଗ ରେ ୧୪ ଗୋଟି ଗ୍ରାମ ପଞ୍ଚାୟତ ର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପମା ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକାରୀ ଭିନିତ୍ ଅଂଗ୍ରୱାଲ,ଉପ ଜିଲ୍ଲା ପାଳ ଶେଷଦେବ ମିଶ୍ର, ପିଏ ଆଇଟିଡିଏ ନରେଶ ଚନ୍ଦ୍ର ଶବର ତହସିଲଦାର ସପ୍ନୀତା ନାୟକ ,ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସିଡିପିଓ ଗୀତାଞ୍ଜଳି ପଣ୍ଡା ଡବ୍ଲ୍ୟୁ,ଇ,ଓ ପ୍ରତ୍ୟୁଷ ରଥ ଏ ବିଡ଼ିଓ ସଲିଲ କୁମାର ଦାସ ସହକାରୀ ନିର୍ବାହୀ ଯନ୍ତ୍ରୀ ସଲିଲ ସ୍ୱାଇଁ ଯୋଗାଣ ଅଧିକାରୀ ପ୍ରିୟ ରଞ୍ଜନ ପ୍ରଧାନ ଜିପିଓ ସୋନମ ବେହେରା ଯନ୍ତ୍ରୀ ରବିନାରାୟଣ ଲେଙ୍କା ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ମନୋଜ କୁମାର ଦାସ ବରିଷ୍ଠ କିରାଣୀ ପବିତ୍ର କୁମାର ମହାପାତ୍ର ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ବୋଲି ବ୍ଲକ ମୁଖ୍ୟ କିରାଣୀ ସୁରେଶ ଚନ୍ଦ୍ର ପାଳ ସୂଚନା ଦେଇଛନ୍ତି ।

# ପୁରୁଣା ପେନସନ ଦାବି ନେଇ ଏନ୍‌ପିଏସ୍ ଆନ୍ଦୋଳନକୁ ଓହ୍ଲାଇବ

ବଲାଙ୍ଗୀର,(ପି.ଏନ): କଲେଜ ଛକ ବଲାଙ୍ଗିର ଠାରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ର ଜିଲ୍ଲା ସଭାପତି ଶିତୋଷ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ୧୪ଟି ବ୍ଲକର କର୍ମକର୍ତ୍ତା ଯୋଗଦେବା ସହିତ ଏକ୍ସ କେଡର ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା କର୍ମକର୍ତ୍ତା, କନିଷ୍ଠ ଶିକ୍ଷକ ସଂଘର ଜିଲ୍ଲା କର୍ମକର୍ତ୍ତା ଯୋଗଦେଇ ସରକାରଙ୍କ ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରିବାକୁ ମତ ପ୍ରକାଶ କରିଥିଲେ ।୨୦୦୫ ପୂର୍ବରୁ ନିଯୁକ୍ତ ସରକାରୀ କର୍ମଚାରୀ ପେନସନ ପାଇବା ପାଇଁ ହକ୍‌ଦାର ଥିବା ବେଳେ ହଠାତ୍ ସରକାର ୨୦୦୫ ପରେ ଚାକିରି କରୁଥିବା ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ନୂତନ ପେନସନ ଯୋଜନା କାର୍ଯ୍ୟକାରୀ କରିବା ଦୁର୍ଭାଗ୍ୟଜନକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଭାରତବର୍ଷର ବିଭିନ୍ନ ରାଜ୍ୟ ଯଥା ରାଜସ୍ଥାନ, ଛତିଶଗଡ, ଝାରଖଣ୍ଡ, ପଂଜାବ କର୍ମଚାରୀଙ୍କ ଆବେଗକୁ ବିଚାର କରି ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରଣା ପେନସନ ଯୋଜନା ଲାଗୁ କରିଛନ୍ତି । ସରକାରୀ କର୍ମଚାରୀ ସରକାର ର ଗୋଟିଏ ଅଙ୍ଗ । ପେନସନ ସେମାନଙ୍କର ଅଧିକାର । ପୁରୁଣା ପେନସନରୁ ସେମାନଙ୍କୁ ବଂଚିତ କରି ନୂତନ ପେନସନ ଯୋଜନା ପ୍ରଚଳନ ସରକାରଙ୍କ ଏକ ଷଡଯନ୍ତ୍ର ଅଟେ । ନୂତନ ପେନସନ ଯୋଜନା କର୍ମଚାରୀଙ୍କ ପାଇଁ ଏକ ଲଲିପପ୍ ବୋଲି ଚର୍ଚ୍ଚା ହେଉଛି । ନୂତନ ପେନସନ ଯୋଜନାରେ ଅବସରପ୍ରାପ୍ତ କର୍ମଚାରୀ ନିଜର ଗଚ୍ଛିତ ଟଙ୍କା ଯୋଗୁଁ ମାତ୍ର ୬୦୦ ରୁ ୧୮୦୦ ଟଙ୍କା ପାଇବା କେତେ ଦୂର ଯୁକ୍ତିଯୁକ୍ତ ଏବଂ ସରକାରଙ୍କର ଏ ସଂପର୍କରେ ଭୂମିକା ଏକ ବିରାଟ ପ୍ରଶ୍ନବାଚୀ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଡନ ସୃଷ୍ଟି ହୋଇଛି । ସରକାରଙ୍କ ଏଭଳି ଅବିମୃଶ୍ୟକାରିତା ସିଦ୍ଧାନ୍ତ ୨୦୦୫ ପରେ ସରକାରୀ କର୍ମଚାରୀଙ୍କୁ ହତୋତ୍ସାହିତ କରିବା ସହିତ ସରକାର ପୁରୁଣା ପେନସନ ନ ଦେଲେ ଆନ୍ଦୋଳନକୁ ଜୋରଦାର ଓ ବ୍ୟାପକ କରାଯିବ । ଏ ପରିପ୍ରେକ୍ଷିରେ ୧୪ଟି ବ୍ଲକରେ ୧୫ ଅକ୍ଟୋବର ରେ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ଏବଂ ୨୯ ଅକ୍ଟୋବରରେ ଜିଲ୍ଲା ସ୍ତରରେ ଜିଲ୍ଲାପାଳଙ୍କ ଜରିଆରେ ରେ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନମନ୍ତ୍ରୀ ଓଡିଶାଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘର ସଭାପତି ଶିତୋଷ କୁମାର ପାଣିଗ୍ରାହୀ, ସଂପାଦକ ଚକାନନ୍ଦ କର୍ଣ୍ଣ, କାର୍ଯ୍ୟକାରୀ ସଭାପତି କରୁଣାକର ପଟେଲ, ଏକ୍ସ କେଡର ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଜୟନ୍ତିଲାଲ ସାହୁ, କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ତ୍ରିପାଠି, କନିଷ୍ଠ ଶିକ୍ଷକ ସଂଘର ସଭାପତି ରାୟଦ ବିଶ୍ୱାଳ, ସଂପାଦକ ସଂଜିବ ସାହୁ ଏବଂ ଦେବକାନ୍ତ ମେହେର, ଶୁଶିଲ ପୋଢ, ମୋହନ ସାହୁ, ଆଶିଷ ସିଂଭୋଇ, କୋଶରାଜ ବେହେରା ଓ ଅମର ବାଗ ଆଦି ପ୍ରେସ ବିବୃତିରେ ଜଣାଇଛନ୍ତି ।

## ଭଣ୍ଡାରିପୋଖରୀ ଜନଶୁଣାଣି ଶିବିରରେ ୯୩ ଅଭିଯୋଗର ଶୁଣାଣି

ଭଦ୍ରକ,(ପି.ଏନ): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି କାର୍ଯ୍ୟସୂଚୀ ଅନୁଯାୟୀ ଆଜି ଭଣ୍ଡାରିପୋଖରୀ ବ୍ଲକରେ ଅନୁଷ୍ଠିତ ଉକ୍ତ ଜନଶୁଣାଣି ଶିବିରରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ଏସ୍.ପି. ଚରଣ ସିଂ ମୀନା ସମୁଦାୟ ୯୩ଟି ଅଭିଯୋଗର ଶୁଣାଣି କରିଛନ୍ତି । ଏଥି ମଧ୍ୟରେ ୮୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିଁ କ ଥିଲାବେଳେ ୬ଟି ସାମୂହିକ ସମସ୍ୟା ମୂଳକ ଥିଲା । ରେଡ଼କ୍ରସ ସମ୍ବନ୍ଧୀୟ ଜଣେ ଆବେଦନକାରୀଙ୍କ ଚିକିତ୍ସା ପାଇଁ ୭ ହଜାର ଟଙ୍କା ଜିଲ୍ଲାପାଳଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା । ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ଭଣ୍ଡାରିପୋଖରୀ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ ଭ ।, ବିଧବା ଭ ।, ଦିବ୍ୟାଙ୍ଗ ମାନଙ୍କୁ ସହାୟତା ପ୍ରଦାନ, ଯୋଗାଣ ବିଭାଗରେ ରେସନ୍‌କାର୍ଡ଼ ସମ୍ବନ୍ଧୀୟ, ଜମିଜମା ରାସ୍ତାଘାଟ ସମ୍ବନ୍ଧୀୟ ଆଦି ଅଭିଯୋଗ ଏହି ଶିବିରରେ ଆବେଦନକାରୀମାନେ ଜିଲ୍ଲାପାଳଙ୍କ ଠାରେ ଦାଖଲ କରିଥିଲେ । ସାମାଜିକ ସୁରକ୍ଷା ଯୋଜନାରେ ୩୧ ଜଣଙ୍କୁ ଭ । ପ୍ରଦାନ କରାଯାଇଥିଲା । ଶ୍ରବଣଯନ୍ତ୍ର ୧ଟି, ୩ ଚକିଆ ସାଇକେଲ ୧ଟି, କ୍ରଚ୍ ୧ଟି, ଆଶ୍ରା ବାଡ଼ି ୧ଟି ସମୁଦାୟ ୪ଟି ଉପକରଣ ବ ନ କରାଯାଇଥିଲା । ବି.ଡ଼ି.ଓ. ଭଣ୍ଡାରିପୋଖରୀ ଦେବଦ ଦାସ, ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା ଏହି ଶିବିରରେ ଅଭିଯୋଗ ଉପସ୍ଥାପନାରେ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲାରେ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ

ଝାରସୁଗୁଡ଼ା,(ପି.ଏନ): ଜାତୀୟ ପୋଷଣ ମାସ ଅବସରରେ ଝାରସୁଗୁଡ଼ାରେ ପୁଷ୍ଟିଶସ୍ୟ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲ ଆଜି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ମାଣ୍ଡିଆ, କୋଦୋ, ଗୁର୍ଜି, କାଙ୍ଗୁ ଆଦି କ୍ଷୁଦ୍ରଶସ୍ୟରେ ପ୍ରଚୁର ଶରୀର ଉପକାରୀ ଗୁଣ ରହିଥିବା ଓ ସଂପ୍ରତି ସମାଜରେ କ୍ଷୁଦ୍ର ଶସ୍ୟର ଚାହିଦା ହ୍ରାସ ପାଉଥିବାରୁ ଏହାକୁ ପୁନଃ ଖାଦ୍ୟଥାଳିକୁ ଫେରାଇ ଆଣିବାକୁ ସରକାରଙ୍କ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି । ଓଡିଶା ମିଲେଟ ମିଶନ ପକ୍ଷରୁ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାର ପାଂଚଟି ଯାକ ବ୍ଲକରେ ଆସନ୍ତା ୨୯ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ । ପାଂଚଟି ସଚେତନତା ରଥ ବ୍ଲକର ସମସ୍ତ ଗ୍ରାମାଂଚଳ ବୁଲିବା ସହ କ୍ଷୁଦ୍ରଶସ୍ୟରୁ ପୋଷଣଯୁକ୍ତ ପକୁଡ଼ି, ବରା, ଉପମା, ଲଡୁ ଓ ବିସ୍କୁଟ ଆଦି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ । ସଚେତନତା ରଥ ଦ୍ୱାରା କ୍ଷୁଦ୍ରଶସ୍ୟରୁ ପ୍ରସ୍ତୁତ ଖାଦ୍ୟ ଖାଇବା ଓ ଶସ୍ୟ ଉତ୍ପାଦନ ପାଇଁ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି । ଆଜିର କାର୍ଯ୍ୟକ୍ରମରେ କୋଲାବିରା ଜିଲ୍ଲା କୃଷି ଅଧିକାରୀ ବଳବୀର ସିଂ ସୱାୟାଂ , ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ଧୀରେନ୍ଦ୍ର ସିଂ ବରିହା , ମିଲେଟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଟିକେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ହିସାବ ରକ୍ଷକ ସ୍ୱର୍ଣ୍ଣଲତା ବିଶ୍ୱାଳ, ସ୍ୱେଚ୍ଛାସେବୀ ସଂଗଠନ 'ଆଜକା''ର ସମ୍ପାଦକ ଗୌତମ ବେହେରା , ''ସେବକ''ର ଅଧକ୍ଷ ଅମୀୟକାନ୍ତ ନାୟକ ଓ ମିଲେଟ ମିଶନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୭୧ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡୁଙ୍ଗୁରିପାଲି ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅତିରକ୍ତ ଜିଲ୍ଲପାଳ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୭୧ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ କ୍ଷ ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୬୫ ଗୋଟି, ସାମୁହିକ ଦରଖାସ୍ତ ୦୬ ଗୋଟି ଗ୍ରହଣ କରାଯାଇଛି କ୍ଷ ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୦୭ ଗୋଟି ଅଭିଯୋଗ ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୬୪ ଟି ଅଭିଯୋଗ ଦରଖାସ୍ତ କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଗୁଡିକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି କ୍ଷ ପ୍ରାପ୍ତ ଦରଖାସ୍ତ ମଧ୍ୟରେ ୮ ଗୋଟି ସି ଏମ ଆର ଏଫ ନିମନ୍ତେ ଗ୍ରହଣ କରାଯାଇଛି କ୍ଷ ଶିବିର ଅବସରରେ ଅତିରିକ୍ତ ଜିଲ୍ଲପାଳ ଶ୍ରୀ ଦାଶ ବ୍ଲକ ଅନ୍ତର୍ଗତ ୨ ଗୋଟି ଭିନ୍ନକ୍ଷମ ଦମ୍ପତି ଙ୍କୁ ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ବାବଦରେ ପ୍ରତ୍ୟେକ ଦମ୍ପତି ଙ୍କୁ ୨,୫୦,୦୦୦/ - ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି କ୍ଷ ସେହିପରି ୨୫ ଜଣ ଏସ ଏଚ ଜି ମାଁ ମାନଙ୍କୁ କିଚେନ ଗାର୍ଡେନ ନିମନ୍ତେ ପନିପରିବା ଚାଷ ପାଇଁ ବିଭିନ୍ନ ପନିପରିବା ସମ୍ମିଳିତ ମଞ୍ଜିକିଟ ପ୍ରଦାନ କରାଯାଇଛି କ୍ଷ ବି ଡି ଓ, ଶ୍ରୀ ତ୍ରିପୁର ମହାନନ୍ଦିଆ ଙ୍କ ତତ୍ତ୍ୱାବଧାନ ରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନିହାର ରଞ୍ଜନ କହଁର,ବ୍ଲକ ଅଧକ୍ଷ୍ୟା ଶ୍ରୀମତୀ ଅହଲ୍ୟା ସାହୁ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର, ବ୍ଲକ ସ୍ତରୀୟ କର୍ମଚାରୀ, ପ୍ରମୁଖ ଯୋଗଦାନ କରିଥିଲେ ।

# ଓଡିଶା ଫାର୍ମାସିଷ୍ଟ ସେବା ସଂଘ ତରଫରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳନ

ବଲାଙ୍ଗୀର,(ପି.ଏନ): ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲ ପ୍ରାଙ୍ଗଣ ର ଏମ୍‌ସିଏଚ୍ ବିଲଡିଂ ର ସମ୍ମିଳନୀ କକ୍ଷ ଠାରେ ଓଡିଶା ଫାର୍ମାସିଷ୍ଟ ସେବା ସଂଘ ତରଫରୁ ବିଶ୍ୱ ଫାର୍ମାସିଷ୍ଟ (ଭେଷଜ ବିଜ୍ଞ) ଦିବସ ପାଳନ କରାଯାଇଛି । ଉକ୍ତ ସଭାରେ ସଂଘର ସଭାପତି ରାଧାମାଧବ ମିଶ୍ର ସଭାପତିତ୍ୱ କରିଥିଲେ ଓ ସଂଘର ସାଧାରଣ ସଂପାଦକ ଚିଦାନନ୍ଦ ବେହେରା ସଭା ପରିଚାଳନା କରିବା ସହ ଫାର୍ମାସିଷ୍ଟ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ସଭ୍ୟ ଶୁଭେନ୍ଦ୍ର କୁମାର ନେପାକ, କୋଷାଧକ୍ଷ ବିକାଶ କୁମାର ପଟେଲ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ସଭ୍ୟ ଗଣ ଓ ଟ୍ରେନିଂ ନେଉଥିବା ଫାର୍ମାସିଷ୍ଟ ଛାତ୍ର ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଥିଲେ ।





2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Wednesday September 28, 2022 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୨୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ବୈଠକ



ପାରାଦୀପ,(ପି.ଏନ): ମଙ୍ଗଳବାର ପୂର୍ବାହ୍ନରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନଙ୍କର ଏକ ବୈଠକ ସ୍ଥାନୀୟ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଆୟୋଜିତ ହୋଇଥିଲା । ସାମ୍ବାଦିକମାନଙ୍କ ସୁରକ୍ଷା, ଏକତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ପୌରହିତ୍ୟ କରିଥିଲେ । ସାମ୍ବାଦିକ ରବିନ୍ଦ୍ର କୁମାର ଜେନା,ସଂଜୟ କୁମାର ମିଶ୍ର ସଭା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ, ଶୁକଦେବ ଜେନା, ରାମଚନ୍ଦ୍ର ସ୍ୱାଇଁ, ସନ୍ଦୀପ କୁମାର ଲେଙ୍କା, ସ୍ୱାଧୀନଚେତା ଦାସମହାପାତ୍ର, ରତ୍ନାକର ଜେନା ପ୍ରମୁଖ ଯୋଗ ଦେଇ ସାମ୍ବାଦିକମାନେ ସଙ୍ଗଠିତ ହୋଇ ରହିବାକୁ ପରାମର୍ଶ ଦେଇଥିଲେ । ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଏହି ବୈଠକରେ ବହୁ ସଂଖ୍ୟାରେ ଯୋଗ ଦେଇ ନିଜସ୍ୱ ମତାମତ ରଖିଥିଲେ ।

## ବ୍ରାଉନ୍ ସୁଗାର ସହ ୩ ବ୍ୟବସାୟୀ ଗିରଫ

ପାରାଦୀପ,(ପି.ଏନ):ପାରାଦୀପ ଆଦର୍ଶ ଥାନା ଅଧିନସ୍ଥ ବାଲିଝରା ରାସ୍ତାର ପିପିଏଲ୍ ଛକ ନିକଟରୁ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବେଳେ ପୋଲିସ୍ ନୂଆ ଭୀମ ଭୋଇ ଅଂଚଳର ସ୍ୱର୍ଗତ ଅର୍ଜୁନ ବେହୁରାଙ୍କ ପୁଅ ଲକ୍ଷ୍ମୀଧର ବେହୁରା (ଲାଲଟୁ)କୁ ଗିରଫ କରିଛି । ୬.୮୪ ଗ୍ରାମର ବ୍ରାଉନ୍ ସୁଗାର ସହିତ ପୋଲିସ୍ ଲାଲଟୁକୁ ଗିରଫ କରି ୩୦୭/୨୦୨୨ରେ କୋର୍ଟ ଚାଲଣ କରିଛି । ସେହିଭଳି ପାରାଦୀପ ନୂଆବଜାର ଅଂଚଳରେ ରହୁଥିବା ଜଗତସିଂହପୁର ଜିଲ୍ଲା ଓ ଥାନା ଅଧିନସ୍ଥ ସାଁପରୁ ଗ୍ରାମର ବଟୁ ପରିଡାଙ୍କ ପୁଅ ଗୁରୁ ଚରଣ ପରିଡା ଓରଫ ଗୁରିଆ (୫୧) ଓ ନୂଆବଜାରର ବସ' କୁମାର ରାଉତଙ୍କ ପୁଅ ସଂଗ୍ରାମ ରାଉତ ( ୨୫)ଙ୍କୁ ପାରାଦୀପ ମଧୁବନ ନିକଟସ୍ଥ ସବଷ୍ଟେସନ ରାସ୍ତାରେ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ବେଳେ ପୋଲିସ୍ ଗିରଫ କରିଛି । ଏହି ଦୁଇ ଅଭିଯୁକ୍ତଙ୍କ ନିକଟରୁ ୬.୭ଗ୍ରାମର ବ୍ରାଉନ୍ ସୁଗାର ଜବତ କରାଯାଇଛି । ସେମାନଙ୍କ ୩୧୧/୨୦୨୨ ରେ ମାମଲା ରୁଜୁ କରି ପୋଲିସ୍ କୋର୍ଟ ଚାଲଣ କରିଥିବା ନେଇ ପାରାଦୀପ ଆଦର୍ଶ ଥାନା ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ଜଣା ପଡିଛି । ତେବେ ପାରାଦୀପ ଓ ଜିଲ୍ଲାରେ ବୃଦ୍ଧି ପାଉଥିବା ଏହି ଧଳା ଜହର ବେପାରର ମୁଖ୍ୟ କାର୍ପଟଦାର ପାଖରେ ଏ ପର୍ଯ୍ୟ' ଅବକାରୀ ବିଭାଗ କି ପୋଲିସ୍ ନ ପହଁଚି ପାରିବାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଛି ।

## ଜୟପୁର ରେଳ ଷ୍ଟେସନରେ ଅବ୍ୟବସ୍ଥା ରୋଗୀ, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ନାହିଁ ମୌଳିକ ସୁବିଧା

ଜୟପୁର, (ପି.ଏନ): ଅବିଭକ୍ତ କୋରାପୁଟ ଜିଲାର ଜୟପୁର ସହର ଏକ ପୁରାତନ ଏବଂ ବାଣିଜ୍ୟ କେନ୍ଦ୍ର। ଏଠାକାର ରେଳଷ୍ଟେସନ ବହୁ ପୁରାତନ ହୋଇଥିଲେ ମଧ ଯାତ୍ରୀମାନଙ୍କ ପାଇଁ ମୌଳିକ ସୁବିଧା ଯୋଗାଇବାରେ ରେଳବାଇ କର୍ତୃପକ୍ଷ ବିଫଳ। ଯେଉଁଥି ପାଇଁ ପ୍ରତିଦିନ ଯାତ୍ରୀମାନେ ନାହିଁ ନଥିବା ହଇରାଣ ହରକତ ହେବା ଘଟଣା ଦେହସୁହା ହୋଇଯାଇଛି। ବର୍ତମାନ ଜୟପୁର ରେଳଷ୍ଟେସନରେ ୨ନଂ ପ୍ଲାଟଫର୍ମରୁ ସବୁ ଟ୍ରେନ ଛାଡୁଥିବାରୁ ରୋଗୀ, ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ସମସ୍ୟା ଦେଖାଯାଉଛି। ସମସ୍ତଙ୍କୁ ଓଭର ବ୍ରିଜ ଦେଇ ଯିବାକୁ ପଡୁଛି। ଜୟପୁର ରେଳଷ୍ଟେସନରେ ଭିନ୍ନକ୍ଷମ କିମ୍ବା ଚାଲିବା ପାଇଁ ଅକ୍ଷମ ଯାତ୍ରୀମାନଙ୍କ ପାଇଁ ଟ୍ରାଇ ସାଇକେଲ କିମ୍ବା ରୋଗୀମାନଙ୍କ ପାଇଁ ଷ୍ଟ୍ରେଚର ବ୍ୟବସ୍ଥା ନାହିଁ। ଦୁଇ ନମ୍ବର ପ୍ଲାଟଫର୍ମ ଉପରେ ଛାତ ନଥିବାରୁ ବର୍ଷା ହେଲେ ଯାତ୍ରୀମାନେ ପାଣିରେ ଓଦା ହୋଇ ଟ୍ରେନ ଚଢ଼ିବାକୁ ପଡେ। ଜୟପୁର ରେଳ ଷ୍ଟେସନରୁ ଟ୍ରେନ ଧରି ଯାତ୍ରା କରିବା ଏକ ପ୍ରକାର ନରକ ଯାତନା ସହ ଅଭିଶାପ ପାଲଟିଛି ବୋଲି ଯାତ୍ରୀ ଓ ତାଙ୍କ ପରିବାର ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ସୂଚନାଯୋଗ୍ୟ, ନୂଆକରି ୨ନଂ ପ୍ଲାଟଫର୍ମ ନିର୍ମାଣ କରାଯାଇଛି। ଏଥିରେ ସେଡ୍ ବ୍ୟବସ୍ଥା ନାହିଁ। ୧ନଂ ପ୍ଲାଟଫର୍ମରୁ ୨ନଂ ପ୍ଲାଟଫର୍ମକୁ ଯିବା ପାଇଁ ଫୁଟ ଓଭର ବ୍ରିଜ୍ କରାଯାଇଛି। ତେବେ ଏହି ଫୁଟ ଓଭରବ୍ରିଜରେ ରେଳବିଭାଗ ରୋଗୀ, ବୃଦ୍ଧ, ବୟସ୍କ ଓ ଭିନ୍ନକ୍ଷମ ମାନଙ୍କୁ ନଜରରେ ରଖି ରେମ୍ପ ନିର୍ମାଣ କରିବା, ଟ୍ରାଇସାଇକେଲ କିମ୍ବା ବ୍ୟାଟେରୀଚାଳିତ ଗାଡ଼ି, ଷ୍ଟ୍ରେଚର ଆଦି ଜରୁରୀ ବ୍ୟବସ୍ଥା କିଛି କରିନାହିଁ। ଓଭରବ୍ରିଜରେ ରେମ୍ପ ନଥିବାରୁ ପ୍ଲାଟଫର୍ମ ନଂ ୨କୁ ଯିବା ପାଇଁ ଏହି ସ୍ଥିତିରେ ବହୁ କଷ୍ଟରେ ପରିବାର ଲୋକଙ୍କ ସହାୟତାରେ ବୃଦ୍ଧା, ରୋଗୀ ଏବଂ ଭିନ୍ନକ୍ଷମ ବହୁ କଷ୍ଟରେ ଓଭର ବ୍ରିଜ୍ ଚଢ଼ିବା ଏବଂ ଓହ୍ଲାଇ ଯାଉଥିବା ଦେଖାଯାଉଛି। ଜୟପୁର ରେଳଷ୍ଟେସନର ଏଭଳି ଅବସ୍ଥା ଯୋଗୁ ଅନେକ ଯାତ୍ରୀ ଜୟପୁର ଅପେକ୍ଷା ୨୦ କି.ମି. ଦୂର କୋରାପୁଟ ରେଳଷ୍ଟେସନକୁ ଯାଇ ଟ୍ରେନ ଧରିବାକୁ ନିରାପଦ ମଣୁଛନ୍ତି। ଏଥିପାଇଁ ଅଯଥାରେ ଯାତ୍ରୀମାନଙ୍କୁ ଅଧିକା ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି ।ଉଲ୍ଲେଖଯୋଗ୍ୟ, ପ୍ରତିଦିନ ଜୟପୁର ରେଳଷ୍ଟେସନ ଦେଇ ହୀରାଖଣ୍ଡ ଏକ୍ସପ୍ରେସ, ସମଲେଶ୍ୱରୀ, ରାଉରକେଲା, କିରଣ୍ଡୁଲ ଓ ବିଶାଖାପାଟଣା ଇତ୍ୟାଦି ଟ୍ରେନ ଯାତ୍ରାୟତ କରୁଥିବା ବେଳେ ପ୍ରାୟ ତିନି ହଜାରରୁ ଅଧିକା ଯାତ୍ରୀ ଯାତ୍ରା କରିଥାନ୍ତି। ଟ୍ରେନଗୁଡିକ ୨ନଂ ପ୍ଲାଟଫର୍ମ ପରିବର୍ତେ ୧ ନମ୍ବର ପ୍ଲାଟଫର୍ମରୁ ଚଳାଚଳ କରିଥିଲେ ଲୋକଙ୍କ ଅଧା ସମସ୍ୟା କମିଯାଇଥାନ୍ତା। ଏହି ସଂପର୍କରେ ଜୟପୁର ରେଳଷ୍ଟେସନ ପରିଚାଳକ ଜହନ କୁଜୁର କହିଛନ୍ତି ଯେ, ଇଷ୍ଟକୋଷ୍ଟ ରେଳବିଭାଗର ବିଶାଖାପାଟଣାର ଡିଆରଏମ ଓ ଭୁବନେଶ୍ୱର ଡିଭିଜନର ଉଚ୍ଚ କର୍ତୃପକ୍ଷଙ୍କୁ ସମସ୍ୟା ଉପରେ ଅବଗତ କରିଛନ୍ତି । ଏହା ଉପରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲ୍ଲାକା ହସ୍ତକ୍ଷେପ କରି ରେଳବାଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଜ୍ଞାପନ ନଦେଇ ଡିଲର ନିଯୁକ୍ତିକୁ ଗ୍ରାମବାସୀଙ୍କ ବିରୋଧ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ କୁରୁଜଙ୍ଗା ପଂଚାୟତର ଅମ୍ବୁରା ଗ୍ରାମର ଡିଲର ନିଯୁକ୍ତିରେ ଅନିୟମିତତା ହୋଇଥିବା ଗ୍ରାମାବସୀମାନେ ଅଭିଯୋଗ କରି ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହ ସାନି ବିଜ୍ଞପ୍ତି ପ୍ରକାଶ କରାଯାଇ ଡିଲର ଚୟନ ପାଇଁ ଦାବି କରିଛନ୍ତି। ଅଭିଯୋଗ ମୁତାବକ ଅମ୍ବୁରା ଗ୍ରାମର ଖୁଚୁରା ବିକ୍ରୟ କେନ୍ଦ୍ରର ଡିଲର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ମଇ ମାସ ୨୦୨୧ ସୁଦ୍ଧା ଉପଯୁକ୍ତ କାଗଜପତ୍ର ସହ ଆବେଦେନ କରିବାକୁ ଉଲ୍ଲେଖ ଥିବାବେଳେ ଏହି ବିଜ୍ଞପ୍ତି ସର୍ବ ସାଧାରଣରେ ପ୍ରକାଶ କରାଯାଇ ନଥିଲା।

## ହାଟପଦା ପଡାରେ ଅଣ ସଂକ୍ରମଣ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, , (ପି.ଏନ): ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ୟୁପିଏଚସି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡ଼ା ତରଫରୁ ଏକ ଅଣସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ଆଜି ହାଟପଦା ପଡ଼ାର କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କାଉନସିଲର ଓ ମହିଳା ଆରୋଗ୍ୟ ସମିତିର ସମସ୍ତ ସଦସ୍ୟ ମାନେ ମିଶି ସମସ୍ତ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଉଦ୍ଦେଶ୍ୟ ଅଣସଂକ୍ରମକ ରୋଗର ଚିହ୍ନଟ ସହ ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା । ଏହି ସ୍ୱାସ୍ଥ୍ୟ ଶିବିରରେ ୨୦୦ ରୁ ଉର୍ଦ୍ଧ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରର ନିରୀକ୍ଷଣ (ଡିପିଏଚଓ) ଜିଲ୍ଲା ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି କରିଥିଲେ। (ଏପିଏମ) ସରକାରୀ ପ୍ରୋଗ୍ରାମ ଅଧିକାରୀ ରାମାନୁଜ ପଣ୍ଡା, ୟୁଡିଏମ ଅନିଲ ମହାକୁର, ସ୍ୱାସ୍ଥ୍ୟ ନିରୀକ୍ଷକ ଦେବେଶ ରାଉତ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିବା ସହ ଶିବିରର ତଦାରଖ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢି ଓ ଡାକ୍ତର ଶ୍ରେୟାସ ପାଣିଗ୍ରାହୀ (ମୁଖ ଓ ଦାନ୍ତ ରୋଗ ବିଶେଷଜ୍ଞ) ସମେତ ଷ୍ଟାଫ ନର୍ସ ରାଧାକାନ୍ତ ନାଏକ, ସନ୍ତୋଷିନି କରନ, ଫାର୍ମାସିଷ୍ଟ ମୁକେଶ ରଣା, ଲେ୍ୱ ଟେକନିଶିଆନ ପ୍ରମୋଦ ଥନପତି,

## ହାଟପଦା ପଡାରେ ଅଣ ସଂକ୍ରମଣ ରୋଗ ଚିହ୍ନଟ ଓ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, , (ପି.ଏନ): ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ପରିଚାଳିତ ୟୁପିଏଚସି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି ପଡ଼ା ତରଫରୁ ଏକ ଅଣସଂକ୍ରାମକ ରୋଗ ଚିହ୍ନଟ ସ୍ୱାସ୍ଥ୍ୟ ଶିବିର ଆଜି ହାଟପଦା ପଡ଼ାର କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କାଉନସିଲର ଓ ମହିଳା ଆରୋଗ୍ୟ ସମିତିର ସମସ୍ତ ସଦସ୍ୟ ମାନେ ମିଶି ସମସ୍ତ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଉଦ୍ଦେଶ୍ୟ ଅଣସଂକ୍ରମକ ରୋଗର ଚିହ୍ନଟ ସହ ମାଗଣା ରକ୍ତ ପରୀକ୍ଷା, ମାଗଣା ଔଷଧ, ଜୀବନ ଶୈଳୀ ଓ ଖାଦ୍ୟପେୟ ଉପରେ ପରାମର୍ଶ ଏବଂ ମାଗଣା ଡାକ୍ତର ସେବା । ଏହି ସ୍ୱାସ୍ଥ୍ୟ ଶିବିରରେ ୨୦୦ ରୁ ଉର୍ଦ୍ଧ ସଂଖ୍ୟକ ରୋଗୀ ଚିକିତ୍ସା ଲାଭ କରିଥିଲେ । ଉକ୍ତ ସ୍ୱାସ୍ଥ୍ୟ ଶିବିରର ନିରୀକ୍ଷଣ (ଡିପିଏଚଓ) ଜିଲ୍ଲା ପ୍ରାଥମିକ ସ୍ୱାସ୍ଥ୍ୟ ଅଧିକାରୀ ଦିବ୍ୟ କିଶୋର ପତି କରିଥିଲେ। (ଏପିଏମ) ସରକାରୀ ପ୍ରୋଗ୍ରାମ ଅଧିକାରୀ ରାମାନୁଜ ପଣ୍ଡା, ୟୁଡିଏମ ଅନିଲ ମହାକୁର, ସ୍ୱାସ୍ଥ୍ୟ ନିରୀକ୍ଷକ ଦେବେଶ ରାଉତ ଯୋଗଦାନ କରି ସମସ୍ତଙ୍କୁ ଉତ୍ସାହିତ କରିବା ସହ ଶିବିରର ତଦାରଖ କରିଥିଲେ ।ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ନନ୍ଦ କିଶୋର ପାଢି ଓ ଡାକ୍ତର ଶ୍ରେୟାସ ପାଣିଗ୍ରାହୀ (ମୁଖ ଓ ଦାନ୍ତ ରୋଗ ବିଶେଷଜ୍ଞ) ସମେତ ଷ୍ଟାଫ ନର୍ସ ରାଧାକାନ୍ତ ନାଏକ, ଶ୍ୱର୍ଜିତ୍ ଶତପଥୀ ସହଯୋଗ କରିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଓ ପରିଚାଳନା କାର୍ଯ୍ୟ ଜାଗ୍ରତ ପାଣିଗ୍ରାହୀ ବୁଝିଥିଲେ।

## ୨୯ ୟୁନିଟ ରକ୍ତ ସଂଗ୍ରହ

ସୁବର୍ଣ୍ଣପୁର, , (ପି.ଏନ): ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଓ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମତିଥି ଉପଲକ୍ଷେ ଆଜି ସୁବର୍ଣପୁର ଜିଲ୍ଲାର ତରଭା ବ୍ଲକ ଚାରଭଟା ପଂଚାୟତ ଅନ୍ତର୍ଗତ ଚାରଭଟା ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ ପରିବର୍ତନ ସୁବର୍ଣପୁରର ସ୍ୱର, ଗଣପତି କ୍ଲବ, ନେହେରୁ ଯୁବ କେନ୍ଦ୍ର ସୁବର୍ଣପୁର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜିବି ତଥା ସ୍ୱେଚ୍ଛାସେବି ବଳଦେବ ବେଦବାକ ଝିଲିମୁଣ୍ଡା ଗ୍ରାମର ସ୍ୱର୍ଗିୟ ସମାଜସ୍ୱେୀ କୃଷ୍ଣଚନ୍ଦ୍ର ତ୍ରିପାଠିଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି ଆଜିର ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକାଶ ସାହୁ, ମିନକେତନ ରଣା, ସଂବିତ ତ୍ରିପାଠି ସୁଦାଂଶୁ କର୍ମି, କଣ୍ଟେଶ୍ୱର କଁଅର, ବିରକିଶୋର ରଣା, ରହିତ ରଣା ଏନ ୱାଇ କେ ର ରଂଜନ ତ୍ରିପାଠୀ, ସୁବର୍ଣପୁର ପରିବର୍ତନ ସ୍ୱରର ବ୍ୟାସଦେବ ମିଶ୍ର, ପ୍ରାଣବନ୍ଧୁ ଦାସ, ଶ୍ରିନିବାସ ଚାନ୍ଦ, ଭକ୍ତ ପ୍ରହଲାଦ ଖୁରା ପ୍ରମୁଖ ଯୋଗ ଦେଇଥିବା ବେଳେ ଚାରଭଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡକ୍ଟର ପ୍ରେମାନନ୍ଦ ମେହେର ଓ ବରିଷ୍ଠ ସମାଜସେବି ତଥା ଜିଲ୍ଲା ରକ୍ତଦାତା ସଂଘର ସଭାପତି ମନୋଜ କୁମାର ପଣ୍ଡା, ତରଭା ବ୍ଲକ ରକ୍ତଦାତା ସଂଘର ସଭାପତି ନିହାର ରଂଜନ ମଳିକ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ତରଫରୁ ସୁବାସ ଚନ୍ଦ୍ର ପଣ୍ଡା, ଜଗତ ଧରୁଆନ, ଜୁଧିଷ୍ଟିର ନାଏକ ଉପସ୍ଥିତ ରହି ଶିବିରକୁ ସୁଚାରୁ ରୁପେ ପରିଚାଳନା କରିଥିଲେ ।

## ଫୁଲବାଣୀ ନଗର ବିଜେପି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

କନ୍ଧମାଳ, (ପି.ଏନ): ଫୁଲବାଣୀ ନଗର ବିଜେପି ଯୁବମୋର୍ଚ୍ଚା ସଭାପତି ଅରବିନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ଏକ ରାଜନୈତିକ ଦଳରେ କାମ କରୁଥିଲେ ମଧ ସେବା ଆମର ମୂଳ ମନ୍ତ୍ର ବୋଲି ସଭାପତି କହିଥିଲେ । ସବୁଜ ଭରା କନ୍ଧମାଳକୁ ଆହୁରି ସୌନ୍ଦର୍ଯ୍ୟପୂର୍ଣ୍ଣ କରିବା ପାଇଁ ବିଜେପି ଯୁବମୋର୍ଚ୍ଚା କନ୍ଧମାଳ ଜିଲ୍ଲାର ଏହା ଏକ ପ୍ରୟାସ ବୋଲି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ କହିଥିଲେ ।କାର୍ଯ୍ୟକ୍ରମରେ ହେମନ୍ତ ଦିଗାଲ, ଚିରଞ୍ଜୀବ ଯାନୀ, ମାନସ ରଞ୍ଜନ ମହାଲିକ, ବବଲୁ ପ୍ରଧାନ, ସୁରେନ୍ଦ୍ର ଦାସ, ହଲେଶ୍ୱର ପ୍ରଧାନ,ପିନା ଗୌଡ଼, ଲକ୍ଷ୍ମୀନାରାୟଣ ସାହୁ, ଆଶୁତୋଷ ବେହେରା, ରାକେଶ ବେହେରା, ରାକେଶ କହଁର ପ୍ରମୁଖ ସାମିଲ ହୋଇଥିଲେ ।

## ସର୍ବୋତ୍ତମ ଯୁବ ଉଦ୍ୟୋଗୀ ସମ୍ମାନରେ ସମ୍ମାନିତ ହେଲେ ପ୍ରତିକ ଜେନା



ବାଲେଶ୍ୱର,(ପି.ଏନ):ବାଲେଶ୍ୱର ହାଇଲାଣ୍ଡ ଗ୍ରୁପର ଅଧ୍ୟକ୍ଷ ପ୍ରତୀକ ଜେନା ପାଇଛନ୍ତି ଚଳିତ ବର୍ଷର "ସର୍ବୋତ୍ତମ ଯୁବ ଉଦ୍ୟୋଗୀ ସମ୍ମାନ"। ଗତ ସେପ୍ଟେମ୍ବର ୨୫ ତାରିଖ ରବିବାର ସନ୍ଧ୍ୟାରେ ବିଦ୍ୟୁତିକ ଗଣ ମାଧ୍ୟମ ନ୍ୟୁଜ-୧୮ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରର ମେ ଫେୟାର ହୋଟେଲ ଠାରେ ଆୟୋଜିତ ଆତ୍ମନିର୍ଭର ଓଡ଼ିଶା 'ବିଜିନେସ୍ ଲିଡ଼ରସିପ୍ ଆୱାର୍ଡ଼-୨୦୨୨' କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଶକ୍ତି ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦାନ କରି ଶ୍ରୀ ଜେନାଙ୍କୁ ଆୱାର୍ଡ଼ ପ୍ରଦାନ କରିଥିଲେ। ଏଭଳି ସଫଳ, ଉଦ୍ୟୋଗୀ ମାନେ ହିଁ ଆତ୍ମନିର୍ଭର ଓଡ଼ିଶା। ନିର୍ମାଣ ବା ବିକାଶ କ୍ଷେତ୍ରରେ ପ୍ରମୁଖ ଭାଗିଦାର ସାଜିବା ଫଳରେ ରାଜ୍ୟରେ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରୁଛି ବୋଲି ମନ୍ତ୍ରୀ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ ହାଇଲାଣ୍ଡ ଆଗ୍ରୋ ଲିମିଟେ଼ଡରେ ମେନେଜିଂ ଡାଇରେକ୍ଟର ଶ୍ରୀ ଜେନା ୧୬ ବର୍ଷ ବୟସରୁ ନିଜର ବ୍ୟବସାୟିକ କ୍ୟାରିଅର ଆରମ୍ଭ କରି ଏବେ ଦେଶର ଜଣେ ଜଣାଶୁଣା ଉଦ୍ୟୋଗୀ ପାଲଟିଛନ୍ତି । ଏତେ କମ୍ ବୟସରେ ତାଙ୍କର ଏ ଭଳି ସଫଳତା ନିଶ୍ଚିତ ଭାବରେ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହ ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ହୋଇ ପାରିବ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀ ଜେନା ନିୟୁଜ -୧୮ କୁ ଧନ୍ୟବାଦ ଦେଇଥିଲେ। ଏଥିସହିତ ସି- ଫୁଡ଼ ପ୍ରୋସେସିଂ ପ୍ଲାଣ୍ଟ ଓ ରପ୍ତାନୀ ଉଦ୍ୟୋଗ ମାଧ୍ୟମରେ ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ପ୍ରାୟ ୩୦୦୦ ରୁ ଅଧିକ ମହିଳା କର୍ମସଂସ୍ଥାନ ଯୋଗାଇଦେବା ସହ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିଛନ୍ତି ଓ ଦେଶର ମୁଦ୍ରା ଭଣ୍ଡାରରେ ବୈଦେଶିକ ମୁଦ୍ରାର ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି ବୋଲି କହିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray